


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୨୩ ଜୁଲାଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 23 JULY 2025
Vol.No. 36 ■ No.194 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ୟୁରୋପୀୟ ସଂଘକୁ ଭାରତର ସ୍ପଷ୍ଟ ବାର୍ତ୍ତା : କାହା ଚାପରେ ନଇଁବନି ଭାରତ

ନୂଆଦିଲ୍ଲୀ,୨୨/୭ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ରିଟେନ ଗସ୍ତ ପୂର୍ବରୁ, ଭାରତ ୟୁରୋପୀୟ ସଂଘର ଧମକ ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି । ବିଦେଶ ସଚିବ ବିକ୍ରମ ମିଶ୍ର ସ୍ପଷ୍ଟ କରିଛନ୍ତି ଯେ ରୁଷରୁ ତେଲ କିଣିବା କ୍ଷେତ୍ରରେ ଭାରତ କାହାର ଚାପରେ ଆସିବ ନାହିଁ । ସେ କହିଛନ୍ତି ଯେ ଭାରତ ପ୍ରଥମେ ତାର ଶକ୍ତି ଆବଶ୍ୟକତାକୁ ମନେ ରଖିବ । ବିକ୍ରମ ମିଶ୍ର କହିଛନ୍ତି, 'ଶକ୍ତି ସୁରକ୍ଷା ଆମ ସରକାରଙ୍କ



ପାଇଁ ସର୍ବୋଚ୍ଚ ପ୍ରାଥମିକତା । ଭାରତୀୟଙ୍କ ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆମେ ଯାହା ଆବଶ୍ୟକ ତାହା କରିବୁ ।' ପାଶ୍ଚାତ୍ୟ ଦେଶଗୁଡ଼ିକ ପକ୍ଷରୁ ଚାପ ପଡୁଥିଲେ ବି ଦେଶର ତଳ ଆବଶ୍ୟକତା ପୂରଣ କରିବା ଆମର ପ୍ରଥମ କର୍ତ୍ତବ୍ୟ । ଏଥିପାଇଁ ଯାହା କରିବାକୁ ପଡ଼ିବ କରାଯିବ। କୌଣସି ପ୍ରକାର କଟକଣା ପାଇଁ ସାଲିସ କରାଯିବ ନାହିଁ । କୌଣସି ପ୍ରକାର ଦୋମୁହାଁ ନୀତିକୁ ଗ୍ରହଣ କରାଯିବ ନାହିଁ ।

# ରାକ୍ଷୀ ପୂର୍ଣ୍ଣିମାରେ ମିଳିବ ସୁଭଦ୍ରା ଟଙ୍କା: ସୂଚନା ଦେଲେ ପ୍ରଭାତୀ ପରିଡ଼ା

ଭୁବନେଶ୍ୱର, ୨୨/୭ (ନି.ପ୍ର): ରାକ୍ଷୀ ପୂର୍ଣ୍ଣିମାରେ ମିଳିବ ସୁଭଦ୍ରା ଟଙ୍କା । ଅଗଷ୍ଟ ୯ ତାରିଖରେ ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରାର ତୃତୀୟ କିସ୍ତି ଟଙ୍କା ପ୍ରଦାନ କରାଯିବ । ବଡ଼ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ତେବେ ଯେଉଁ ହିତାଧିକାରୀ ଭାବେ ପ୍ରଥମ ଦୁଇଟି କିସ୍ତିରେ ଟଙ୍କା ପାଇନାହାନ୍ତି, ସେମାନଙ୍କୁ ମଧ୍ୟ ଟଙ୍କା ପ୍ରଦାନ ପାଇଁ ପ୍ରକ୍ରିୟା ଆରମ୍ଭ ହେବ । ପ୍ରାୟ ୧ଲକ୍ଷ ୮୮ ହଜାର ମହିଳା ଏପର୍ଯ୍ୟନ୍ତ ସୁଭଦ୍ରା ଟଙ୍କା ପାଇନାହାନ୍ତି । ତୃତୀୟ କିସ୍ତି ଟଙ୍କା ପ୍ରଦାନ ପରେ ଏନେଇ ସମୀକ୍ଷା ହେବ । ଏହାପୂର୍ବରୁ ଗତ ଏପ୍ରିଲ ୨୪ରେ ମିଳିଥିଲା ସୁଭଦ୍ରା ଯୋଜନାର ଷଷ୍ଠ ପର୍ଯ୍ୟାୟ ଟଙ୍କା । ଯେଉଁମାନେ ଯୋଜନାର ଲାଭ



ପାଇବା ପାଇଁ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ଯିଏ ଯୋଗ୍ୟ ବିବେଚିତ ହେବେ ସେମାନେ ଟଙ୍କା ପାଇବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୂର୍ବରୁ କହି ସାରିଛନ୍ତି। ପ୍ରଭାତୀଙ୍କ ଏହି ସୂଚନା ପରେ ଏବେ ପୁଣି ଥରେ ସୁଭଦ୍ରା ଆବେଦନକାରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଗତ ଏପ୍ରିଲ୍‌ରେ ରାଜ୍ୟରେ ଅନେକ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିଥିଲା । ହେଲେ ଅନେକଙ୍କ କୌଣସି କାରଣ ବଶତଃ ଆକାଉଣ୍ଟକୁ ଟଙ୍କା ଆସିନଥିଲା । କିନ୍ତୁ ସେମାନେ ଏବେ ଆଦୌ ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ । କାରଣ ପୁଣି ଥରେ ଅଗଷ୍ଟ ମାସରେ ସୁଭଦ୍ରା ଟଙ୍କା ଆକାଉଣ୍ଟକୁ ଆସିବାକୁ ଯାଉଛି ।

## ଆଇଏଏସ ସ୍ତରରେ ବଡ଼ ଧରଣର ଅଦଳବଦଳ

ଭୁବନେଶ୍ୱର, ୨୨/୭ (ନି.ପ୍ର): ଆଇଏଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ । ମଙ୍ଗଳବାର ରାତି ପ୍ରାୟ ୧୦ଟା ବେଳକୁ ଆଇଏଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ ହୋଇଛି । ଯେଉଁଥିରେ ମୋଟ ୪୯ ଜଣ ଅଧିକାରୀଙ୍କ ବଦଳି ହେବା ସହିତ କିଛି ଜିଲ୍ଲାର ଜିଲ୍ଲାପାଳ ମଧ୍ୟ ବଦଳିଛନ୍ତି । ମିଳିଥିବା ସୂଚନା ମୁତାବକ, ଚଞ୍ଚଳ ରାଣା ହୋଇଛନ୍ତି ବିଏମସିର ନୂଆ କମିସନର । ସେହିପରି ଦିବ୍ୟଜ୍ୟୋତିଙ୍କୁ ପୁରୀ ଜିଲ୍ଲାପାଳ ଭାବେ ଦାୟିତ୍ୱ ଦିଆଯାଇଛି । ଦିବ୍ୟଜ୍ୟୋତି ପରିଡ଼ା ହେଲେ ପୁରୀର ଜିଲ୍ଲାପାଳ, ହେମନ୍ତ ଶର୍ମାଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗର ସଚିବ ଦାୟିତ୍ୱ, ଅମ୍ବର କୁମାର କର ଜିଲ୍ଲାପାଳ ଯାଜପୁର ଜିଲ୍ଲାପାଳ ହେଲେ, କୀରନଦୀପ କୌର ହେଲେ ସିଏମ୍‌ସି କମିସନର , ସୋମେଶ ଉପାଧ୍ୟାୟ ମାଲକାନଗିରି ଜିଲ୍ଲାପାଳ ହେଲେ, ଆଶିଷ ଈଶ୍ୱର ପାଟିଲ ଢେଙ୍କାନାଳ ଜିଲ୍ଲାପାଳ, ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ମିଳିଲା ପୁରୀ ଜିଲ୍ଲାପାଳ ଦାୟିତ୍ୱ, ଅମ୍ବର କୁମାର କର ଯାଜପୁର ଜିଲ୍ଲାପାଳ ହେଲେ , ଶୁଭଙ୍କର ମହାପାତ୍ର ସୁନ୍ଦରଗଡ଼ ଜିଲ୍ଲାପାଳ ହେଲେ, କିର୍ଥୀ ଭାସନ ଗଞ୍ଜାମ ଜିଲ୍ଲାପାଳ ହେଲେ।

## ୨୪ ତାରିଖରେ ସୃଷ୍ଟି ହେବ ଲଘୁଚାପ: ଆଜିଠୁ ରାଜ୍ୟରେ ବର୍ଷା ଆରମ୍ଭ

ଭୁବନେଶ୍ୱର, ୨୨/୭ (ନି.ପ୍ର): ଆସନ୍ତା ୪୮ ଘଣ୍ଟାରେ ବଙ୍ଗୋପସାଗରରେ ହେବ ଲଘୁଚାପ । ୨୪ ତାରିଖରେ ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହେବ ଲଘୁଚାପ କ୍ଷେତ୍ର । ଆଗାମୀ ୨୪ ଘଣ୍ଟାରେ ଉତ୍ତର ବଙ୍ଗୋପସାଗର ମଧ୍ୟକୁ ପ୍ରବେଶ କରିବ ବାତ୍ୟା ୱିଫାର ଅବଶିଷ୍ଟାଂଶ । ଏହା ଏକ ଘୂର୍ଣ୍ଣିବଳୟ ରୂପରେ ବଙ୍ଗୋପସାଗରରେ ପ୍ରବେଶ କରିବା ସମ୍ଭାବନା ରହିଛି । ପ୍ରଭାବରେ ପରବର୍ତ୍ତୀ ୪୮ଘଣ୍ଟାରେ ଉତ୍ତର ବଙ୍ଗୋପସାଗର ଅଞ୍ଚଳରେ ହେବ ଲଘୁଚାପ । ସମ୍ଭାବ୍ୟ ଘୂର୍ଣ୍ଣିବଳୟ ଓ ଲଘୁଚାପ ପ୍ରଭାବରେ କାଲିଠୁ ରାଜ୍ୟରେ ବର୍ଷା ହୋଇପାରେ । ଆସନ୍ତାକାଲି ପାଇଁ କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ନୂଆପଡ଼ା ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ଜାରି ହୋଇଛି ୟେଲୋ ୱାର୍ଣ୍ଣିଂ । ଏସବୁ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଘଣ୍ଟାପ୍ରତି ୩୦-୪୦ କିଲୋମିଟର ବେଗରେ ବହିପାରେ ପବନ। ୨୪ତାରିଖରୁ ବର୍ଷା ପରିମାଣ ବଢ଼ିବ । ୨୭ ତାରିଖ ଯାଏ ରାଜ୍ୟରେ ବର୍ଷା ଜାରି ରହିବ ବୋଲି ▶▶ପୃଷ୍ଠା ୭

## ଏଫଏମ ଛାତ୍ରୀ ମୃତ୍ୟୁ ମାମଲା: କ୍ରାଇମବ୍ରାଞ୍ଚ ତଦନ୍ତରେ ସନ୍ତୋଷ ପ୍ରକାଶ କଲେ ହାଇକୋର୍ଟ

ଭୁବନେଶ୍ୱର, ୨୨/୭ (ନି.ପ୍ର): ଏଫଏମ ଛାତ୍ରୀ ମୃତ୍ୟୁ ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତରେ ସନ୍ତୋଷ ପ୍ରକାଶ କରିଛନ୍ତି ହାଇକୋର୍ଟ । ଏସଆଇଟି ତଦନ୍ତ ଆବଶ୍ୟକତା ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ଜନଜୀବନକୁ ଅସ୍ତବ୍ୟସ୍ତ କରିଥିବାରୁ ବିଜେଡି ଓ କଂଗ୍ରେସକୁ ନୋଟିସ୍ ଦେଇଛନ୍ତି। ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ଏଭଳି ମତ ରଖିଛନ୍ତି ହାଇକୋର୍ଟ । ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏସଆଇଟି ତଦନ୍ତ ଦାବିରେ ମାମଲା ହୋଇଥିଲା ।



ଆଇନଜୀବୀ ଶିବ ଶଙ୍କର ମହାନ୍ତିଙ୍କ ପକ୍ଷରୁ ମାମଲା ଦାୟର କରାଯାଇଥିଲା । ଏଫଏମ୍ କଲେଜର ସେ ଛାତିଥରା ଘଟଣା ପଛରେ ପ୍ରି-ପ୍ଲାନ୍ କିମ୍ବା ଷଡ଼ଯନ୍ତ୍ର ଥିଓରୀ ବାରମ୍ବାର ଉଙ୍କି ମାରୁଛି । ଏକମାତ୍ର ସିସିଟିଭି ଫୁଟେଜ୍ ଯାହା ଦର୍ଶାଉଛି- ଛାତ୍ରୀ ଜଣକ ଜଳି ଯାଉଥିବାବେଳେ ସେଠି ଉପସ୍ଥିତ ଥିବା ଦୁଇଜଣ ଝିଅ ଡରି ପଳାଇଥିଲେ ଜଣେ ଛାତ୍ର ମୋବାଇଲରେ ଭିଡ଼ିଓ ଉତ୍ତୋଳନ କରୁଥିଲେ, ଛାତ୍ରୀ ଜଣକୁ ଜଳି ଯାଉଥିବା ଦେଖି ହଠାତ୍ ଦୌଡ଼ି ଆସିଥିଲେ ହେଲେ ପ୍ରିନସିପାଲଙ୍କ ରୁମ୍‌ରୁ କିଛି କର୍ମଚାରୀ ଜଳନ୍ତା ଛାତ୍ରୀଙ୍କୁ ଦେଖୁଥିଲେ ବି ନିଆଁ ଲିଭାଇବାକୁ ସାମାନ୍ୟତମ ଚେଷ୍ଟା କରିନଥିଲ। ଏଣେ ଏସବୁ ଭିତରେ ସାମ୍ନାକୁ ଆସିଛନ୍ତି- ମୃତା ଛାତ୍ରୀଙ୍କ ସହପାଠୀ ଜୀତମ ଦାସ । ସେ ତାଙ୍କ ପ୍ରତିକ୍ରିୟାରେ ▶▶ପୃଷ୍ଠା ୭

## ହରିୟାଣାର ଫରିଦାବାଦରେ ୩.୨ ତୀବ୍ରତାର ଭୂକମ୍ପ

ନୂଆଦିଲ୍ଲୀ,୨୨/୭ : ହରିୟାଣାର ଫରିଦାବାଦରେ ଆଜି ସକାଳ ୬ଟା ବେଳେ ଭୂମିକମ୍ପର ତୀବ୍ର ଝଟକା ଅନୁଭୂତ ହୋଇଛି। ରିକ୍ଟର୍ ସ୍କେଲରେ ଏହି ଭୂମିକମ୍ପର ତୀବ୍ରତା ୩.୨ ରେକର୍ଡ ହୋଇଛି। ଏହି ସୂଚନା ରାଷ୍ଟ୍ରୀୟ ଭୂମିକମ୍ପ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଦିଆଯାଇଛି। ଫରିଦାବାଦରେ ଆଜି ଭୂକମ୍ପ ଯୋଗୁ ଭୂପୃଷ୍ଠ ତଳେ ପାଂଚ କିଲୋମିଟର ଗଭୀରରେ ହଳଚଳ ହୋଇଛି । ▶▶ପୃଷ୍ଠା ୭

## ତଳକୋର୍ଟର ରାୟକୁ ଓଲଟାଇଦେଲେ ହାଇକୋର୍ଟ: ମୃତ୍ୟୁଦଣ୍ଡ ବଦଳରେ ୨ ଜଣ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଅନୁଗୁଳ, ୨୨/୭ (ନି.ପ୍ର): ତଳକୋର୍ଟ ଦେଇଥିଲେ ମୃତ୍ୟୁଦଣ୍ଡ, ହେଲେ ନିର୍ଦ୍ଦୋଷରେ ଖଲାସ କଲେ ହାଇକୋର୍ଟ । ୨୦୧୭ ମସିହାରେ ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ଅଞ୍ଚଳରେ ଘଟିଥିବା ଗମ୍ଭାରିମଳିଆ ହତ୍ୟାକାଣ୍ଡରେ ଏଭଳି ରାୟ ଶୁଣାଇଛନ୍ତି ହାଇକୋର୍ଟ । ତେବେ ଉପଯୁକ୍ତ ପ୍ରମାଣ ଅଭାବରୁ ହାଇକୋର୍ଟ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ପରେ




ଏବେ ଭୟଭୀତ ଅବସ୍ଥାରେ ମୃତକଙ୍କ ପରିବାର । ୨୦୧୭ ମସିହାର ଆଠମଲ୍ଲିକ ଟ୍ରିପଲ୍ ମର୍ଡର ମାମଲାରେ ହାଇକୋର୍ଟ ୨ ଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଦୁଇ ଅଭିଯୁକ୍ତ ପ୍ରକାଶ ବେହେରା ଓ ନନ୍ଦକିଶୋର ସେଠୀ ୭ ବର୍ଷ ଜେଲ୍‌ରେ ରହିବା ପରେ ଆଠମଲ୍ଲିକ ଅତିରିକ୍ତ ଦୌରାଜଜ୍‌ଙ୍କ ଅଦାଲତ ୨୦୨୪ ସେପଟ୍ଟେମ୍ବର ୨୭ରେ ▶▶ପୃଷ୍ଠା ୭

## କଡା ଆହ୍ୱାନରେ ମୁଖ୍ୟମନ୍ତ୍ରୀ : ଚାକିରିରୁ ବହିଷ୍କାର ହେଲେ ଦୁର୍ନୀତିଗ୍ରସ୍ତ ଡାକ୍ତର

ଭୁବନେଶ୍ୱର, ୨୨/୭ (ନି.ପ୍ର): ଦୁର୍ନୀତି ବିରୁଦ୍ଧରେ କଡା ଆଭିମୁଖ୍ୟ ଜାରି ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁର ଜିଲ୍ଲା ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପୂର୍ବତନ ମେଡିକାଲ ଅଫିସର ଡାକ୍ତର କରୁଣାକର ରାଉତଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି । ଡାକ୍ତର ରାଉତ ବର୍ତ୍ତମାନ ଭଦ୍ରକ ଜିଲ୍ଲା ସଦର ମହକୁମା ହସ୍ପିଟାଲର ମାନସିକ ସ୍ୱାସ୍ଥ୍ୟ ଏବଂ କ୍ୟାନ୍‌ସର ବିଭାଗର ବରିଷ୍ଠ ମେଡିକାଲ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି । ସୂଚନାଯୋଗ୍ୟ ଯେ, ଡାକ୍ତର କରୁଣାକର ରାଉତଙ୍କ ନାମରେ କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ କେସ୍ ରୁଜୁ ହୋଇଥିଲା। ଡାକ୍ତର ରାଉତଙ୍କ ନାମରେ ମଧ୍ୟ ଡିପାର୍ଟମେଣ୍ଟାଲ ପ୍ରୋସିଡିଙ୍ଗ୍ କରାଯାଇଥିଲା । ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯିବା ସହିତ ଅନ୍ୟାନ୍ୟ ଦଣ୍ଡବିଧାନ ମଧ୍ୟ କରାଯାଇଥିଲା । ଇତି ମଧ୍ୟରେ ଭିଜିଲାନ୍ସ କୋର୍ଟ ପକ୍ଷରୁ ରାୟ ପ୍ରକାଶ ପାଇ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି । ଦୁର୍ନୀତି ବିରୁଦ୍ଧରେ ଶୂନ୍ୟସହନଶୀଳତା ନୀତି ଅବଲମ୍ବନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଆସିଛନ୍ତି । କୌଣସି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଛଡା ଯିବନାହିଁ ବୋଲି ମୁଖ୍ୟମନ୍ତ୍ରୀ ଅନେକ ▶▶ପୃଷ୍ଠା ୭

## ଷଷ୍ଠ ଦିନରେ କ୍ରାଇମ୍‌ବ୍ରାଞ୍ଚର ତନାଘନା: ସିସିଟିଭି ଯାଞ୍ଚ କଲେ, ଦୂରତା ମାପିଲେ

ବାଲେଶ୍ୱର, ୨୨/୭ (ନି.ପ୍ର): ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାରେ ତଦନ୍ତକୁ ଜୋରଦାର କରିଛି କ୍ରାଇମବ୍ରାଞ୍ଚ । ସତ ଜାଣିବାକୁ ତଦନ୍ତକାରୀ ଟିମ୍ କିଛି ପିଲାଙ୍କୁ ଜେରା କରିଛି । ସିସିଟିଭି ଯାଞ୍ଚ ସହ ଅନ୍ୟ ଦିଗ ଉପରେ ବି ତଦନ୍ତ କରିଛି। ତେବେ ଚିନ୍ତାର ବିଷୟ ହେଉଛି, ଏଯାଏ ହଷ୍ଟେଲକୁ ଫେରିନାହାନ୍ତି ଛାତ୍ରୀ, ଅଧା ବେଡ୍ ଖାଲିପଡ଼ିଛି। ବାଲେଶ୍ୱର ଏଫ୍‌ଏମ୍ କଲେଜରେ ଛାତ୍ରୀ ଆତ୍ମାହୁତି ଘଟଣାର ସତ ଜାଣିବାକୁ ବାଲେଶ୍ୱରରେ ଷଷ୍ଠ ଦିନ ପାଇଁ କ୍ରାଇମ୍‌ବ୍ରାଞ୍ଚ ଟିମ୍ । କଲେଜରେ ଯାଞ୍ଚ ପରେ ଯାଞ୍ଚ ଚାଲିଛି । କିଛି ପିଲାଙ୍କୁ ଜେରା ହୋଇଛି , ଘଟଣାସ୍ଥଳକୁ ବି ଯାଇଛି ତଦନ୍ତକାରୀ ଦଳ । ▶▶ପୃଷ୍ଠା ୭

# କିଏ ହେବେ ଆଗାମୀ ଉପ-ରାଷ୍ଟ୍ରପତି ? ଚର୍ଚ୍ଚାରେ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ଜଣେ କଂଗ୍ରେସ ନେତା

## କାହିଁକି ଇସ୍ତଫା ଦେଲେ ଜଗଦୀପ ଧନଖଡ ?

ନୂଆଦିଲ୍ଲୀ,୨୨/୭ : କୁହାଯାଏ ରାଷ୍ଟ୍ରପତିଙ୍କ ପରେ ଉପ-ରାଷ୍ଟ୍ରପତି ହେଉଛନ୍ତି ଆମ ଦେଶର ଦ୍ୱିତୀୟ ନାଗରିକ । ଆଉ ଯେବେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ହଠାତ୍ ଦେଶର ଉପ-ରାଷ୍ଟ୍ରପତି ନିଜ ପଦରୁ ଇସ୍ତଫା ଦେଉଛନ୍ତି, ସେତେବେଳେ ଚର୍ଚ୍ଚା ହେବା ସ୍ୱାଭାବିକ ଦେଶର ଏତେ ବଡ଼ ସାମ୍ବିଧାନିକ ପଦରେ ଆଗକୁ କିଏ ବସିବ ? କିଏ ଦେଶର ନୂଆ ଉପ-ରାଷ୍ଟ୍ରପତି ହେବେ ? କିଏ ଆଗକୁ ରାଜ୍ୟସଭାରେ ସାଂସଦମାନଙ୍କ ସଭାପତିତ୍ୱ କରିବେ ? ତାକୁ ନେଇ ଏବେ ଦିଲ୍ଲୀରେ ଉଠୁଛିପଡୁଛି ରାଜନୀତି । କୁହାଯାଉଛି ଜଗଦୀପ ଧନଖଡ଼ ଇସ୍ତଫା ଦେବା ପରେ, ମୋଦୀ କ୍ୟାବିନେଟର ଜଣେ ମନ୍ତ୍ରୀଙ୍କ ସମେତ, ଜଣେ ମୁଖ୍ୟମନ୍ତ୍ରୀ ଏବଂ କଂଗ୍ରେସର ଜଣେ ନେତା ଏବଂ ଏନଡିଏର ଜଣେ ନେତା



ମଧ୍ୟ ଉପ-ରାଷ୍ଟ୍ରପତି ହେବା ରେସରେ ଆଗରେ ରହିଛନ୍ତି । ଜଗଦୀପ ଧନଖଡ଼ଙ୍କ ପରେ ଦେଶର ଉପ-ରାଷ୍ଟ୍ରପତି ପଦରେ କିଏ ବସିବେ, ତାହା ଏବେ ବଡ଼ ପ୍ରଶ୍ନ । ହେଲେ ଏହାରି ଭିତରେ ଦୁଇ, ଚାରୋଟି ନାମ କିନ୍ତୁ ସତ୍ତାର କରିଡରରେ ବେଶ ଚର୍ଚ୍ଚା ସୃଷ୍ଟି କରିଛି। କୁହାଯାଉଛି ଆଗକୁ ବିହାରରେ ବିଧାନସଭା ନିର୍ବାଚନକୁ ଅଛି, ଆଉ ସେଠାରେ ଏଥର ବିଜେପି ସତ୍ତା ଦଖଲ କରିବାକୁ ଜୋରସୋରରେ ଉଦ୍ୟମ କରୁଛି। ତେଣୁ ବିହାର ଫର୍ମୁଲାରେ ନୀତିଶ କୁମାରଙ୍କୁ ଉପ-ରାଷ୍ଟ୍ରପତି ପଦ ଦେଇ ମୁଖ୍ୟମନ୍ତ୍ରୀ ସିଟ୍ ଖାଲି କରିବାକୁ ଚାହୁଁଛି ବିଜେପି । ତେଣୁ ଏନଡିଏ ଖୁବଶୀଘ୍ର ନୀତିଶ କୁମାରଙ୍କୁ ଉପ-ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଘୋଷଣା କରିପାରେ ବୋଲି କୁହାଯାଉଛି ।


ସାଗରିକା
ଧ୍ୱନି ପ୍ରତିଧ୍ୱନି
ସ୍ୱନକ୍ଷତ୍ର ଦିବସ ସମାରୋହ-୨୦୨୫
ଅବଗଣନା
୦୪ ଦିନ ବାକି
ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜ୍ୟର ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ପ୍ରତିଭା ସମ୍ମାନ ପର୍ବ, ଏବଂ ବହୁ ଆକାଂକ୍ଷିତ 'ଧ୍ୱନିପ୍ରତିଧ୍ୱନି' ଓ 'ସାଗରିକା'ର ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ ଓ ସ୍ୱରଚିତ କବିତା ପାଠୋତ୍ସବ କରାଯିବ।
ସମସ୍ତଙ୍କୁ ସାଦର ଆମନ୍ତ୍ରଣ।
୨୭ ଜୁଲାଇ, ୨୦୨୫, ରବିବାର ପୂର୍ବାହ୍ନ @ ୯.୩୦ ଘଟିକା
ସ୍ଥାନ: ଭେନିଆ ପାରାଡାଇଜ୍, ବାଲେଶ୍ୱର

# ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା କଲେ ପଂଚାୟତିରାଜ ମନ୍ତ୍ରୀ

ଜୟପୁର, ୨୨/୦୭ (ନି.ପ୍ର): ଗ୍ରାମୀଣ ବିକାଶ, ପଂଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ ଦୁଇ ଦିନିଆ କୋରାପୁଟ ଗସ୍ତ ସମୟରେ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ସ୍ଥାନୀୟ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ହର ଘର ଜଳ, ଗ୍ରାମୀଣ ଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦି ସମ୍ପର୍କରେ ଆଲୋଚନା କରିଥିଲେ । ସେହିପରି ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ବିଭିନ୍ନ ଯୋଜନା ସାହାଯ୍ୟରେ କାମ ଯୋଗେଇ ଦିଆ ଯାଉଛି ଏବଂ ଏହି ସଂଖ୍ୟା ବଢେଇବାକୁ ସମସ୍ତ ଅଧିକାରୀଙ୍କୁ କହିଥିଲେ । ସରକାର ଲୋକଙ୍କ ପାଇଁ କାମ କରୁଛି ଏବଂ ଏଥିପାଇଁ ଅଧିକାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଲୋକଙ୍କ ଦରକାର ମୁତାବକ ପ୍ରକଳ୍ପ ହେଲେ ହିଁ ସମସ୍ୟା ର ସମାଧାନ ହେଇପାରିବ ବୋଲି ସେ କହିଥିଲେ । ବିଭାଗୀୟ ଅଧିକାରୀମାନେ ଚାହିଁଲେ ଜିଲାର ସମସ୍ୟା ଦୂର ହୋଇ ପାରିବ ବୋଲି ମନ୍ତ୍ରୀ କହିଥିଲେ।

ଏହି ସମୀକ୍ଷା ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା, କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତିଓ୍ୱାସନ, ଆଇଏଏସ ପ୍ରୋବେଶନର ସନ୍ତୋଷ କୁମାର ପାତ୍ର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବରଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ, ଜିଲ୍ଲାର ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଓ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦର ଅଧିକାରୀ ଗୌରୀ ଦାସ, ହିମାଂଶୁ ଶତପଥୀ ଓ ଅଂଶୁମାନ ପ୍ରଧାନ, ଜୟନ୍ତ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନରେ ସହଯୋଗ କରିଥିଲେ।

## ପାଲା ଦ୍ୱାରା ହାତୀ ମଣିଷ ସଚେତନତା

କେନ୍ଦୁଝର, ୨୨/୦୭ (ନି.ପ୍ର): ଆଜି ଆନନ୍ଦପୁର ବ୍ଲକ ବାଉଁଶଗଡ ଗ୍ରାମର କେଉଟପଲ୍ଲୀ ସାହିରେ ବୃକ୍ଷ ମାହାତ୍ମ୍ୟ ଏବଂ ହାତୀ - ମଣିଷ ବିବାଦ ସମ୍ପର୍କରେ ପାଲା ମାଧ୍ୟମରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସଂସାରରେ ଏତେ ମୂଲ୍ୟବାନ ଧାତୁ ଏବଂ ପଥର ଥିବା ସତ୍ୱେ ପ୍ରଭୁ ଜଗନ୍ନାଥ ଦାରୁରେ କାହିଁକି ନିର୍ମିତ ହେଲେ ଜାଣିଛନ୍ତି କି । ତେଣୁ ଦାରୁ ହିଁ ଈଶ୍ୱର । ଏ ସୃଷ୍ଟି କେବଳ ଗଛ ମାନଙ୍କ ପାଇଁ ସମ୍ଭବ ହୋଇପାରିଛି ଏହିଭଳି ପାଲା ଦ୍ୱାରା ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ଅଭିଯାନ କରାଯାଉଛି । ଜଙ୍ଗଲ ବିଭାଗ ଓ ପାଲା ଗାୟକ ସଂଘ ମିଳିତ ଆନୁକୁଲ୍ୟରେ ଏଭଳି ଗାଁ ଗାଁ ରେ ସଚେତନତା ଶିବିର ଆୟୋଜନ କରାଯାଉଛି ।

# ରାଜ୍ୟରେ ଖରିଫ ଫସଲ ପାଇଁ ସାର ଯୋଗାଣ ସ୍ଥିତିର ସମୀକ୍ଷା କଲେ କୃଷି ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ

ଭୁବନେଶ୍ୱର, ୨୨/୦୭ (ନି.ପ୍ର): ଖରିଫ ଋତୁ ଆରମ୍ଭ ହୋଇସାରିଛି । ଏହି କ୍ରମରେ ରାଜ୍ୟରେ ପ୍ରାୟ ୫୮.୫୦ ଲକ୍ଷ ହେକ୍ଟର ଜମିରେ ଖରିଫ ଫସଲ ଯୋଜନା ରହିଛି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟରେ ଖରିଫ ଫସଲ ପାଇଁ ସାର ଯୋଗାଣ ସ୍ଥିତିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି କ୍ଷ କୃଷି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ସମବାୟ ବିଭାଗ, ମାର୍କଫେଡ଼, ଓଡ଼ିଶା କୃଷି ଶିଳ୍ପ ନିଗମ ଲିମିଟେଡ଼ ଇତ୍ୟାଦି ସଂସ୍ଥା ତଥା ଇଫ୍ କୋ ଭଳି ପ୍ରମୁଖ ସାର ଉତ୍ପାଦନକାରୀ ସଂସ୍ଥା ଇତ୍ୟାଦିରୁ ବହୁ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ପୂର୍ବ ବର୍ଷର ରେକର୍ଡ ପରିମାଣକୁ ଅନୁଧାନ କରି ସେହି ଅନୁସାରେ ଆଗୁଆ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ରଖିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଡ଼ ପାଢ଼ୀ କ୍ଷ ଖରିଫ ଋତୁ ପାଇଁ ପ୍ରାୟତଃ ଅଗଷ୍ଟରୁ ସେପ୍ଟେମ୍ବର ମାସ ମଧ୍ୟଭାଗ ପର୍ଯ୍ୟନ୍ତ ସାରର ସର୍ବାଧିକ ଚାହିଦା ରହିଥାଏ କ୍ଷ ଏହି ଚାହିଦାକୁ ମେଂଟାଇବା ପାଇଁ ଖରିଫ ଋତୁ ଆରମ୍ଭରେ ସରକାର ମାର୍କଫେଡ଼, ପାକ୍ସ, ଲ୍ୟାମ୍ପସ ତଥା ଖୁଚୁରା ଡିଲରମାନଙ୍କ ପାଖରେ ବିଭିନ୍ନ ସାର ଯଥା ୟୁରିଆ, ଡିଏପି, ଏମଓପି, ଏନପିକେଏସ୍ , ଏସଏସପି ଆଦି ଉପଲବ୍ଧ କରାଇବା ପାଇଁ ବିଭାଗ ତରଫରୁ ପର୍ଯ୍ୟାପ୍ତ ପଦକ୍ଷେପ ନିଆଯାଇଛି।

ସେହିଭଳି ନାନୋ ସାର ଭଳି ଅନ୍ୟାନ୍ୟ ଇନପୁଟର ଟ୍ୟାଗିଂ ନ କରିବାକୁ ସାର ଉତ୍ପାଦନକାରୀଙ୍କୁ ସରକାରଙ୍କ ତରଫରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ଯେପରି ଚାଷୀମାନେ କୌଣସି ବାଧ୍ୟବାଧକତା ବିନା ସ୍ୱାଧୀନ ଭାବେ ଆବଶ୍ୟକୀୟ ସାର କ୍ରୟ କରିପାରିବେ । ନକଲି ସାରର ବିକ୍ରୟ/ କଳାବଜାରୀ/ ଗଚ୍ଛିତ ରଖିବା ଆଦି ବେଆଇନ୍ କାର୍ଯ୍ୟକୁ ରୋକିବା ପାଇଁ ସାର ଯୋଗାଣ କାରୀ ସଂସ୍ଥା ଓ ସାର ବିକ୍ରେତା ମାନଙ୍କୁ କୃଷି ସଚିବ ଡ଼ ପାଢ଼ୀ ତାଗିଦ କରିଛନ୍ତି । ସୂଚନାଯୋଗ୍ୟ ଯେ, କଳାବଜାରୀ ଆଦିକୁ ରୋକିବା ପାଇଁ ଏନଫୋର୍ସମେଂଟ ସ୍କ୍ୱାର୍ଡ ଦ୍ୱାରା ଚଢାଉ ଜାରି ରହିଛି କ୍ଷ ନିୟମିତ ଭାବରେ ସାର ଖୁଚୁରା ବିକ୍ରେତା ଏବଂ ପାଇକାରୀ ବିକ୍ରେତା ପଏଂଟଗୁଡ଼ିକର ଅଚାନକ ଯାଂଚ ଏବଂ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଯେକୌଣସି ପ୍ରକାରର ବେଆଇନ କାର୍ଯ୍ୟକଳାପ ଯାଂଚ କରି ରାଜ୍ୟ ସାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ସାରା ଓଡ଼ିଶାରେ ସମୟାନୁସାରେ ସାରର ଯୋଗାଣ ସୁନିଶ୍ଚିତ କରିବା ପାଇଁ ନୂତନ ରେକ୍ ପଏଂଟ ସ୍ଥାପନ ପାଇଁ ମଧ ବୈଠକରେ ଆଲୋଚନା ହୋଇଥିଲା ।

## ଦେଶି ମଦ ଚାଲାଣ ବେଳେ ଚଢ଼ଉ: ୨ ଗିରଫ

ଜୟପୁର, ୨୨/୦୭ (ନି.ପ୍ର): ଦେଶି ମଦ ଚାଲାଣ ସୂଚନା ପାଇ ଅବକାରି ବିଭାଗ ଚଢଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ସୁନାନଗର ଲଛମ୍ ପରଜା, ଏଲଆଇସି କୋଲନିର ଶିବ ଟାକରି ।

ସୂଚନା ଅନୁଯାୟୀ, ଦେଶି ମଦ ଚାଲାଣ ସୂଚନା ପାଇ ସୁନା ନଗରରେ ଅବକାରି ନିରିକ୍ଷକ କାର୍ଯ୍ୟାଳୟ ତରଫରୁ ଚଢ଼ଉ କରାଯାଇ ୯.୬ ଲିଟର ଦେଶି ମଦ ଜବତ କରାଯାଇ ମହିଳାକୁ ଗିରଫ କରାଯାଇଛି । ସେହିପରି ଜୟପୁର ଅବକାରି ଥାନା ତରଫରୁ କଳାଗୁଡାରୁ ଏକ ଅଟୋରେ ଏଲଆଇସି କୋଲନିରେ ଥିବା ଘରକୁ ଆଣୁଥିବା ବେଳେ ଚଢ଼ଉ କରି ଅଟୋ ସହ ୬୦ ଲିଟର ଦେଶି ମଦ ଜବତ କରି ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତଙ୍କୁ ସଂନ୍ଧ୍ୟା ୫ଟା ରେ କୋର୍ଟଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ନିରିକ୍ଷକ ଶଶିକାନ୍ତ ଦତ ଓ ଅବକାରି ଥାନା ଓଆଇସି ସୁବ୍ରତ କେଶରି ହିରନ ସୂଚନା ଦେଇଛନ୍ତି।

# ଦ୍ୱିତୀୟ ପର୍ଯ୍ୟାୟ 'ସମ୍ଭବ' ତାଲିମ୍ ଶିବିର ଉଦ୍‌ଘାଟିତ

ମାଲକାନଗିରି, ୨୨/୦୭ (ନି.ପ୍ର): ମାଲକାନଗିରି ଉଚ୍ଚ ବାଳକ ବିଦ୍ୟାଳୟ ଠାରେ ମାଲକାନଗିରି ଜିଲ୍ଲାର ୧୨୯ଟି ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନଙ୍କ ୫ ଦିନିଆ ତାଲିମ ଶିକ୍ଷଣ ପେଟିକା 'ସମ୍ଭବ ' ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତରଞ୍ଜନ ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ତାଲିମ ଶିବିରକୁ ଉଦଘାଟନ କରି ପ୍ରଧାନ ଶିକ୍ଷକ ମାନଙ୍କ ନେତୃତ୍ୱରେ ବିକାଶ ସମ୍ପର୍କରେ ମାର୍ଗ ଦର୍ଶନ କରିଥିଲେ । ଖଇରପୁଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ଗଣ୍ଡ, ଉଚ୍ଚ ବାଳକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମମତା ସଏ, ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଶୈକ୍ଷିକ ସଂଯୋଜକ ଶେଷଶଙ୍କର ମହାଳିକ ମଂଚାସୀନ ଥିଲା ବେଳେ, ସାଧନ କର୍ମୀ ଭାବେ ଦିଲ୍ଲୀପ କୁମାର ଗଣ୍ଡ, ଅଜୟ କୁମାର ନାୟକ, ଦିଲ୍ଲୀପ କୁମାର ସାହୁ ଓ ଦେବରାଜ ସେଠୀ ଉପସ୍ଥିତ ଥିଲେ କ୍ଷ ଏହି ୫ ଦିନିଆ 'ସମ୍ଭବ' ତାଲିମ ଶିବିରର ଏନସିଏଫ ଓ ଏନଇପି - ୨୦୨୦ ର ଉଦ୍ଦେଶ୍ୟ ଓ ଶୈକ୍ଷିକ ଲକ୍ଷ୍ୟ, ମାନ ନିର୍ଧାରଣ, ନେତୃତ୍ୱ ବିକାଶ, ସାମାଜିକ, ଆବେଗିକ ଓ ନୈତିକ ବିକାଶ, ଅନ୍ତର୍ନିବେଶୀ ଶିକ୍ଷା ଓ ସମତା, ଶିକ୍ଷାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର, ସାଇବର ସୁରକ୍ଷା, ବିଦ୍ୟାଳୟ ଓ ଆର୍ଥିକ ପରିଚାଳନା, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ବିପର୍ଯ୍ୟୟ ପରିଚାଳନା, ବିଦ୍ୟାଳୟ ଓ ଗୋଷ୍ଠୀ ସମ୍ପର୍କ, ଉପସ୍ଥାନ ଅବଧାରଣ ବୃଦ୍ଧି ଓ ପାଠ ତ୍ୟାଗୀର ନିରାକାରଣ, ଧନ୍ଧାମୂଳକ ଶିକ୍ଷା, ଏସ ଡି ଜେ, ଡିଆଇ ଏସ ଇ ଓ ପି ଜି ଇ ବିଦ୍ୟାଳୟ ବିକାଶ ଯୋଜନା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାନଙ୍କ ଦକ୍ଷତା ବୃଦ୍ଧି କରାଯିବାର କାର୍ଯ୍ୟକ୍ରମ ରହିଛି ।

# ସମ୍ଭାଗ ସ୍ତରୀୟ ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ

ଖୋର୍ଦ୍ଧା, ୨୨/୦୭ (ନି.ପ୍ର): ସ୍ଥାନୀୟ ଗୁରୁଜଙ୍ଗ ସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟ ପରିସରରେ ସମ୍ଭାଗ ସ୍ତରୀୟ ଚେସ୍ ପ୍ରତିଯୋଗିତା ଉଦଯାପିତ ହୋଇଯାଇଅଛି । ଏହି ପ୍ରତିଯୋଗିତାରେ ଭୋପାଲ ସମ୍ଭାଗ ଅନ୍ତର୍ଗତ କଟକ, ଭୋପାଲ, ବିଲାସପୁର, ରାୟପୁର ଓ ଉଜ୍ଜୈନ ଅଂଚଳର ବିଭିନ୍ନ ନବୋଦୟ ବିଦ୍ୟାଳୟ ଗୁଡିକରୁ ୧୨୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ । ତିନିଦିନ ଧରି ଚାଲିଥିବା ଏହି ଖେଳ ପ୍ରତିଯୋଗୀତରୁ ୩୦ ଜଣ ଖେଳାଳି ଜାତୀୟ ସ୍ତରରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହେବା ସହିତ କଟକ କ୍ଲଷ୍ଟର ବିଜେତା ଓ ବିଲାସପୁର କ୍ଲଷ୍ଟର ରନର୍ସ ଅପ ଘୋଷିତ ହୋଇଥିଲେ । ପ୍ରତିଯୋଗିତାର ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଖୋର୍ଦ୍ଧା ଡି.ଏଫ.ଓ ଲାଡେ ଗଜାନନ ଦୟାନନ୍ଦ, ସମ୍ମାନୀୟ ଅତିଥି ଭାବରେ ଖୋର୍ଦ୍ଧା ତହସିଲଦାର ବିଭାସ ରଞ୍ଜନ ପାଣିଗ୍ରାହୀ ଓ ଜିଲ୍ଲା ବିଜ୍ଞାନ ଜ୍ଞାନ ସୁପରଭାଇଜର ସରୋଜ ସିଂ ଯୋଗ ଦେଇ ପୁରସ୍କାର ବିତରଣ କରିବା ସହିତ ଖେଳାଳି ମାନଙ୍କୁ ବୁଦ୍ଧିମତା, ଧୈର୍ଯ୍ୟ ଓ କୌଶଳ ଉନ୍ନତି କରିବା ପାଇଁ ଉତ୍ସାହିତ କରିଥିଲେ । ମୁଖ୍ୟ ଅତିଥି ତାଙ୍କ ଉଦ୍ବୋଧନରେ କହିଲେ "ଜୀବନ ହେଉଛି ଗୋଟିଏ ଚେସ ଖେଳ ପରି ଓ ଏଠି ଜିତିବାକୁ କିମ୍ବା ସଫଳତା ଲାଭ କରିବାକୁ, ଆମେ ପୂର୍ବରୁ ଯୋଜନା କରିବା ଅତି ଆବଶ୍ୟକ ଓ ଯେମିତି ଚେସରେ ଗୋଟି ଚଳାଇବା ପୂର୍ବରୁ ଭବିଷ୍ୟତ ଚିନ୍ତା କରିବାକୁ ପଡ଼େ, ସେହିପରି ଜୀବନରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରିବା ପୂର୍ବରୁ ଭଲଭାବେ ଯୋଜନା ଏବଂ ବିଚାର କରିବା ଦରକାର ।" ଇଂରାଜୀ ଅଧ୍ୟାପକ ଜୟପ୍ରକାଶ ସିଂହ ମଂଚ ପରିଚାଳନା କରିଥିବାବେଳେ ଅଧକ୍ଷା କବିତା କର ସ୍ୱାଗତ ଭାଷଣ ଦେଇଥିଲେ ଓ ଉପାଧକ୍ଷ ନୃସିଂହ ଚରଣ ଚକ୍ର ଧନ୍ୟବାଦ ଜ୍ଞାପନ କରିଥିଲେ । କ୍ରିଡ଼ା ଶିକ୍ଷକ ବୈକୁଣ୍ଠ ବେହେରାଙ୍କ ତତ୍ୱାବଧାନରେ ତଥା ଚୟନ ମଣ୍ଡଳୀ, ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ଓ ଅନ୍ୟ ସମସ୍ତ କର୍ମଚାରୀ ମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମାପନ ହୋଇଥିଲା ।

# ମନରେଗା କାର୍ଯ୍ୟରେ ଦୁର୍ନୀତିର ଚରମ ସୀମା ଲଘୁଛି କୋରୁକୋଣ୍ଡା ବ୍ଲକ

ମାଲକାନଗିରି, ୨୨/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଶ୍ରମିକଙ୍କୁ ରୋଜଗାର ଯୋଗାଇଦେବା ପାଇଁ ସରକାରଙ୍କ ପକ୍ଷରୁ ମନରେଗା ଯୋଜନା ମାଧ୍ୟମରେ ବିଭିନ୍ନ କାଯ୍ୟ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି । ହେଲେ ବାସ୍ତବ କ୍ଷେତ୍ରରେ ମନରେଗା ଯୋଜନା ମାଧ୍ୟମରେ ଆସୁଥିବା ଏହି ଅର୍ଥକୁ ବାଟମାରଣା କରିବା ପାଇଁ ସରକାରି କର୍ମଚାରୀ ନୂଆ ନୂଆ କୌଶଳ ଅପଣାଇଛନ୍ତି । ମନରେଗା ଯୋଜନା କାଯ୍ୟରେ କେବେ ମେସିନ ବ୍ୟବାହର ହେଉଛି ତ କେବେ କାମ ନ ହେଇ ବିଲ୍ ଉଠାଯାଉଛି । ପୁଣି କେବେ ମୃତ ଶ୍ରମିକଙ୍କ ନାମରେ ଅର୍ଥ ପୋଇଠ ହେଉଛି । ଏ ସବୁ ବାଦେ ବର୍ତ୍ତମାନ ମନରେଗା ଯୋଜନା ର ଅର୍ଥ ଲୁଟ ପାଇଁ ଶ୍ରମିକଙ୍କ ବଦଳରେ ଫୋଟ ଆଲବମ ରୁ ଫଟୋ ସଂଗ୍ରହ କରି ତାହାକୁ ମନରେଗା ପୋର୍ଟାଲ୍ ରେ ଅପଲୋଡ଼୍ କରାଯାଉଛି । ଦାଦନ ସମସ୍ୟା କୁ ଦୁର କରିବା ଓ ଶ୍ରମିକଙ୍କ ରୋଜଗାର ବଢେଇବା ଲକ୍ଷ ନେଇ ସରକାରଙ୍କ ପକ୍ଷରୁ ଆରମ୍ଭ କରଯାଇଥିବା ଏହି ମନରେଗା ଯୋଜନାରେ ବାଟମାରଣାର ଏସବୁ ଚିତ୍ର ଦେଖିବା ପରେ ବାସ୍ତବିକ କ୍ଷେତ୍ରରେ ଯୋଜନା କେତେଦୂର ସଫଳ ହେଇଛି ତାହା ତଦନ୍ତ ସାପକ୍ଷ । ଏପରି ଘଟଣା କୋରୁକୋଣ୍ଡା ବ୍ଲକ ନାକାମାମୁଡି ପଂଚାୟତ ସଦର ମହକୁମା ରେ କାର୍ଯ୍ୟ କୋଡ଼୍ ନମ୍ବର ୨୪୩୧୦୦୯୦୦୭/ଡବ୍ଲୁ ସି / ୧୦୮୫୬୭୩୯୧ରେ ଚାଲିଥିବା ଟ୍ରେଂଚ କାମରେ ଗତକାଲି ୮ଜଣ ଶ୍ରମିକ କାମ କରୁଥିବା ଏନ ଏମ ଏମ ଏସ ଆପ ରେ ଦର୍ଶା ଯାଇଛି !ପ୍ରକୃତ ପକ୍ଷେ ଆପ ରେ ଲୋଡ଼୍ କରାଯାଇଥିବା ଫୋଟ କାର୍ଯ୍ୟ ସ୍ଥଳି ର ନହୋଇ ଏକ ଉଠା ଯାଇଥିବା ଫୋଟ ରୁ ଅପଲୋଡ଼୍ କରାଯାଇଛି !ସେହିପରି ଏହି ବ୍ଲକର ମାରିବାଡା ପଂଚାୟତ ଓ୍ୱାର୍କ କୋର୍ଡ ନମ୍ବର ୨୪୩୧୦୧୩୦୧୨/ଆର ସି / ୧୦୬୩୪୫୭୬ରେ ଏମଭି ୨୪ ଠାରୁ ଜିଉଟିପଲ୍ଲୀ ପର୍ଯ୍ୟନ୍ତ ଚାଲିଥିବା ରାସ୍ତା କାମରେ ଗତକାଲି ୧୦ଜଣ ଶ୍ରମିକ କାମ କରଥିବା ଏନ ଏମ ଏମ ଏସ ଆପରେ ଦର୍ଶାଯାଇଛି !କିନ୍ତୁ ଏଠାରେ ମଧ ଅପ ଲୋଡ଼୍ ହୋଇଥିବା ଫୋଟ ଶ୍ରମିକ ମାନେ କାର୍ଯ୍ୟ କରୁଥିବା ବେଳେ କରାନଯାଇ ଫୋଟରୁ ଫୋଟ କରାଯାଇଥିବା ଦେଖିବାକୁ ମିଳିଛି ! ବର୍ତ୍ତମାନ ଏହା ଚର୍ଚ୍ଚାର ବିଷୟ ପାଲଟିଛି । ମନରେଗା ଯୋଜନାରେ ଯେକୌଣସି କାଯ୍ୟ ଆରମ୍ଭ ହେଲେ କାଯ୍ୟ ଜାରୀ ଥିବା ସମୟରେ ସରକାରୀ ନିୟମ ଅନୁଯାୟୀ ଏହାର ଏନଏମଏମଏସ କରାଯାଏ । ଏନଏମଏମଏସ ଅର୍ଥ ହେଉଛି ନେସନାଲ ମେପିଂ ସିଷ୍ଟମ । ଏହି ଏନଏମଏମଏସ ଦ୍ୱାରା କାଯ୍ୟରତ ଶ୍ରମିକଙ୍କ ନାମ ଓ କାଯ୍ୟସ୍ଥଳୀରେ ଶ୍ରମିକମାନେ କାଯ୍ୟ କରୁଥିବା ଫଟୋ ଅପଲୋଡ଼୍ କରାଗଲେ ପ୍ରକୃତରେ କାଯ୍ୟରେ କେତେ ଶ୍ରମିକ ନିୟୋଜିତ ହେଇଛନ୍ତି ଏବଂ କାଯ୍ୟ ସଠିକ ଭାବରେ ହେଉଛି କି ନାହିଁ ତାହା ସ୍ପଷ୍ଟ ହେଇଥାଏ । କିନ୍ତୁ କୋରୁକୋଣ୍ଡା ବ୍ଲକର ଏହି ଦୁଇଟି କାମରେ ଏନଏମଏସ ଦ୍ୱାରା ତଥ୍ୟ ପ୍ରଦାନରେ ଅନିୟମିତା ଦେଖାଯାଇଥିବା ସହ ଫୋଟ ରୁ ଫଟୋ ଅପଲୋଡ଼୍ କରିବା ସରକାରଙ୍କ ଆଖିରେ ଧୂଳି ଦେବା ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି । ତେଣୁ ଏପରି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଛି । ସୂଚନା ଥାଉ କି ମାଲକାନଗିରି ଜିଲ୍ଲାର ଏହି ବ୍ଲକ ରେ ପୂର୍ବରୁ ମଧ ଅନେକ ସମୟରେ ମନରେଗା କାର୍ଯ୍ୟରେ ଅନିୟମିତତା ହେଉଥିବା ବେଳେ ପ୍ରଶାସନ ପକ୍ଷରୁ ଦୋଷୀଙ୍କ ବିରୁଦ୍ଧରେ ପଦକ୍ଷେପ ଗ୍ରହଣ କରାଯାଉନଥିବା ରୁ ଦିନକୁ ଦିନ ଏପରି ଘଟଣା ବଢୁଥିବାର ଅନୁମାନ କରାଯାଉଛି ।

# ବିମାନ ଚଳାଚଳ ଭିତ୍ତିଭୂମିକୁ ପ୍ରୋତ୍ସାହନ ସ୍ୱରୂପ ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ରାଜ୍ୟର ପ୍ରଥମ ରକ୍ଷଣାବେକ୍ଷଣ, ମରାମତି ଏବଂ ପୁନଃସ୍ଥାନ ସୁବିଧା

ଭୁବନେଶ୍ୱର, ୨୨/୦୭ (ନି.ପ୍ର): ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ନୂତନ ଗନ୍ତବ୍ୟ ନୀତି ଦ୍ୱାରା ରିଚାଳିତ ଓଡିଶା ଏହାର ବେସାମରିକ ବିମାନ ଚଳାଚଳ ପରିଦୃଶ୍ୟରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖୁଛି । ବାଣିଜ୍ୟ ଏବଂ ପରିବହନ ବିଭାଗ ଦ୍ୱାରା ପରିଚାଳିତ ଏହି ନୀତିର ଉଦ୍ଦେଶ୍ୟ ହେଉଛି ବିମାନ ଚଳାଚଳ ପାଇଁ ସଂରଚିତ ପ୍ରୋତ୍ସାହନ, ମାର୍ଗ ସହାୟତା ଏବଂ ସୁବିଧା ମାଧ୍ୟମରେ ଆଂଚଳିକ ଏବଂ ଆନ୍ତର୍ଜାତୀୟ ବିମାନ ସଂଯୋଗକୁ ବିସ୍ତାର କରିବା । ବିମାନ ଚଳାଚଳ ଭିତ୍ତିଭୂମିକୁ ଏକ ରଣନୈତିକ ପ୍ରୋତ୍ସାହନ ସ୍ୱରୂ, ଓଡ଼ିଶା ସରକାର ଭୁବନେଶ୍ୱରରେ ରାଜ୍ୟର ପ୍ରଥମ ରକ୍ଷଣାବେକ୍ଷଣ, ମରାମତି ଏବଂ ପୁନଃସ୍ଥାନ (ଏମ. ଆର. ଓ.) ସୁବିଧା ପ୍ରତିଷ୍ଠା ପାଇଁ ସମସ୍ତ ଔପଚାରିକତା ପୂରଣ କରିଛନ୍ତି, ଯାହା ବିମାନ ଚଳାଚଳ ସହ ଜଡ଼ିତ ଆର୍ଥିକ ଇକୋସିଷ୍ଟମ ସୃଷ୍ଟି କରିବାରେ ଏକ ବଡ଼ ପଦକ୍ଷେପ। ସ୍ୱଳ୍ପ ସମୟ ମଧ୍ୟରେ, ଏହି ନୀତି ଉଭୟ ବିଶ୍ୱ ତଥା ଘରୋଇ ସ୍ତରରେ ଓଡ଼ିଶାର ବିମାନ ଚଳାଚଳ ପଦଚିହ୍ନକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି। ନୂତନ ଗନ୍ତବ୍ୟ ନୀତି ଅଧୀନରେ ମୋଟ ୧୩ ଟି ନୂତନ ଆନ୍ତର୍ଜାତୀୟ ଏବଂ ଘରୋଇ ବିମାନ ସେବା କାର୍ଯ୍ୟକ୍ଷମ ହୋଇଛି, ଯାହା ବାଣିଜ୍ୟ, ପର୍ଯ୍ୟଟନ ଏବଂ ଆଂଚଳିକ ଏକୀକରଣ ପାଇଁ ନୂତନ କରିଡର ଖୋଲିଛି। ଆନ୍ତର୍ଜାତୀୟ କ୍ଷେତ୍ରରେ, ଭୁବନେଶ୍ୱରରୁ ଦୁବାଇ ଏବଂ ଆବୁଧାବି ପର୍ଯ୍ୟନ୍ତ ସିଧାସଳଖ ବିମାନ ଚଳାଚଳ ଓଡ଼ିଶାକୁ ବିଶ୍ୱ ବିମାନ ଚଳାଚଳ ମାନଚିତ୍ରରେ ସ୍ଥାନିତ କରିଛି, ପ୍ରବାସୀମାନଙ୍କ ସମ୍ପର୍କକୁ ମଜବୁତ କରିଛି ଏବଂ ବିଶ୍ୱ ବଜାର ପ୍ରବେଶକୁ ଉନ୍ମୁକ୍ତ କରିଛି। ଘରୋଇ ଭାବେ ଝାରସୁଗୁଡ଼ା-ମୁମ୍ବାଇ, ଝାରସୁଗୁଡ଼ା-ହାଇଦ୍ରାବାଦ, ଭୁବନେଶ୍ୱର-ଗୋଆ, ଭୁବନେଶ୍ୱର-ଡେରାଡୁନ ଏବଂ ଭୁବନେଶ୍ୱର-ପୋର୍ଟ ବ୍ଲେୟାର ଭଳି ମାର୍ଗଗୁଡ଼ିକ ଆଦିବାସୀ ଅଂଚଳ, ଶିଳ୍ପ କ୍ଷେତ୍ର ଏବଂ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ସହିତ ସଂଯୋଗ ବୃଦ୍ଧି କରିଛନ୍ତି। ଉଡ଼ାନ୍ ଯୋଜନା ଅଧୀନରେ ଜୟପୁର, ରାଉରକେଲା, ଉକଳ୍ହୋ ଏବଂ ରଙ୍ଗୀଲୁଣ୍ଡାରେ ଆଂଚଳିକ ଏୟାରଷ୍ଟ୍ରିପ୍ ପରିଚାଳନା ଦ୍ୱାରା ଏହି ସେବାଗୁଡିକ ଆହୁରି ସମର୍ଥିତ, ଯାହା ନିରବଚ୍ଛିନ୍ନ ଶେଷ ମାଇଲ ସଂଯୋଗ ସୁନିଶ୍ଚିତ କରେ।

# ମର୍ତ୍ତ୍ୟ ବୈକୁଣ୍ଠରେ ଆଧ୍ୟାତ୍ମିକ ସଭା

ଧର୍ମଶାଳା, ୨୨/୦୭ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ନଠୁଆବର ପଂଚାୟତ ଆଦମପୁରସ୍ଥିତ ମର୍ତ୍ତ୍ୟ ବୈକୁଣ୍ଠ ଗୋଲକଧାମ ପରିସରରେ ଏକ ଆଧ୍ୟାତ୍ମୀକ ସଭା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱାମୀ ଜିତ୍ ମହାନନ୍ଦ ସରସ୍ୱତୀ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥିଭାବେ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା ଓ ମୁଖ୍ୟବକ୍ତାଭାବେ ପ୍ରବଚକ ସନ୍ତୋଷ କୁମାର ଶରଣ ପ୍ରମୁଖ ଯୋଗ ଦେଇ ସାଧନାରୁ ହିଁ ସିଦ୍ଧି ପ୍ରାପ୍ତ ହୋଇଥାଏ ବୋଲି କହିଥିଲେ । ଏହି ଅବସରରେ ପ୍ରାଧ୍ୟାପକ ଶ୍ରୀ ପଣ୍ଡାଙ୍କ ଦ୍ୱାରା ରଚିତ ଆଧ୍ୟାତ୍ମିକ ପୁସ୍ତକ 'ଅମୃତ ତରଙ୍ଗ' ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ପଣ୍ଡିତ ବିଭୂତି ଭୂଷଣ ପଣ୍ଡା ପୁସ୍ତକର ସମୀକ୍ଷା କରିଥିଲେ । ଶିକ୍ଷାବିତ୍ ପ୍ରଦାପ କୁମାର ସାମଲ ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷାବିତ୍ ଆଦିକନ୍ଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସମରଜିତ ପ୍ରଧାନ,ପ୍ରଶାନ୍ତ କୁମାର ଶତ୍‌ପଥୀ,ଅଶୋକ କୁମାର ସାହୁ, ପ୍ରତାପ ପୃଷ୍ଟି,ପ୍ରସନ୍ନ ପୃଷ୍ଟି,ମନୋଜ କୁମାର ଦାସ,ଶ୍ରୀଧର ବୋଇତାଇ ଓ ସୌମ୍ୟ ରଂଜନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।

# ୪୨କିଲୋ ବାର୍ହା ମାଂସ ଜବତ: ଦୁଇଟି ଜୀଅନ୍ତା ଶାବକ ଉଦ୍ଧାର ଓ ୧୧ ଜଣ ଗିରଫ

ମାଲକାନଗିରି, ୨୨/୦୭ (ନି.ପ୍ର): ମାଲକାନଗିରିଜିଲ୍ଲା ଚିତ୍ରକୋଣ୍ଡା ବନ ବିଭାଗ ସ୍ୱାଭିମାନ ଅଂଚଳର ରାଲେଗଡ଼ା ପଂଚାୟତର ସାରକୁବନ୍ଧ ଗାଁ ନିକଟରୁ ବରାହ ଶିକାର କରୁଥିବା ଅଭିଯୋଗରେ ଗତକାଲି ୧୧ ଜଣକୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ଟାଙ୍ଗିଆ,କାତି,ଠେଂଟା ଏବଂ ୧୦୦ରୁ ଉର୍ଦ୍ଧ୍ୱ ଜାଲ, ୪୨ କିଲୋ ବାର୍ହା ମାଂସ, ୨ ଗୋଟି ଜୀବନ୍ତ ଶାବକ, ୯ଟି ବାଇକ, ଗୋଟିଏ ଟ୍ରାକ୍ଟର ଜବତ କରାଯାଛି।

ବନ ବିଭାଗ ତରଫରୁ ମିଳିଥିବା ସୂଚନା ଅନୁଯାୟୀ, ରାଲେଗଡ଼ା ପଂଚାୟତରେ କିଛି ଗ୍ରାମରେ ଗତ କିଛି ଦିନ ହେବ ଜଙ୍ଗଲ ଜନ୍ତୁ ଶିକାର ହେଉଥିଲା। ମାଲକାନଗିରି ଡିଏଫ୍ଓ ସାଇ କିରଣ ଡି ଏନଙ୍କ ନିର୍ଦ୍ଦେଶକ୍ରମେ ଚିତ୍ରକୋଣ୍ଡା ବନାଂଚଳ ଅଧିକାରୀ ବଳରାମ ନାୟକଙ୍କ ନେତୃତ୍ୱରେ ବନପାଳ ନିରଞ୍ଜନ ସାରକା, ବନପାଳ ରାଜେଶ କୁମାର ସେଠୀ, ବନରକ୍ଷୀ ସଞ୍ଜୟ କୁମାର ପରିଡ଼ା, ଓ୍ୱାଇଲଡ଼୍ ଲାଇଫ ପାରା ସ୍କ୍ୱାର୍ଡ ମିଳିତ ଭାବେ ଉକ୍ତ ଅଂଚଳରେ ଚଢ଼ାଉ କରିଥିଲେ। ଚଢ଼ଉ ସମୟରେ ସେମାନଙ୍କ ନିକଟରୁ କଟାଯାଇଥିବା ବାର୍ହା ମାଂସ ୪୨ କିଲୋ ୯୦୦ ଗ୍ରାମ, ଶିକାରରେ ବ୍ୟବହୃତ ହୋଇଥିବା ଟାଙ୍ଗିଆ,କାତି,ଠେଂଟା,ବାର୍ହା ଫାଶ, ୯ ଗୋଟି ମୋଟର ସାଇକେଲ, ଗୋଟିଏ ଟ୍ରାକ୍ଟର,୨ଟି ଜୀବନ୍ତ ବାର୍ହା ଶାବକ ଜବତ କରାଯାଇଛି। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ସ୍ୱାଭିମାନ ଅଂଚଳର କୋଡାଉରୁ, ଲିମାସେତୁ, ମଣ୍ଡା ପାଲ୍ଲୀ ଏବଂ ପାପର ମେଟଲା ଅଂଚଳର ବୋଲି ବନ ବିଭାଗ ତରଫରୁ ସୂଚନା ମିଳିଛି। ଗିରଫ ଅଭିଯୁକ୍ତ ହେଲେ ବାଳକ୍ରୀଷ୍ଣା ଉଡୁ, ସନ୍ତୋଷ ବାରବାସ, କମଲେଶ ଉଡୁ, ରାମବାବୁ ବାରବାସ, ନାଗେଶ କୁମୁଡା, ନାଗରଜୁ ବାରବାସ, କ୍ରିଷ୍ଣା ରାଓ ପତରଙ୍ଗୀ, ବୋମାନା କୁମୁଡା, ମାଛଲିଙ୍ଗମ ବାରବାସ, ସନ୍ୟାସୀ ରାଓ ବାରବାସ, ଶ୍ରୀନୁବାବୁ ଖିଲ। ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହଜାର କରାଯାଇଥିବା ନେଇ ଚିତ୍ରକୋଣ୍ଡା ବନାଂଚଳ ଅଧିକାରୀ ବଳରାମ ନାୟକ ପ୍ରକାଶ କରିଛନ୍ତି । ଏହା ବ୍ୟତିତ ୨ ଗୋଟି ବରାହ ଶାବକକୁ ଉପଯୁକ୍ତ ତଦାରଖ ପରେ ଜଙ୍ଗଲରେ ଛଡ଼ାଯିବ ବୋଲି ଶ୍ରୀ ନାୟକ କହିଛନ୍ତି।

# ୩୩୭ଗୋଟି ପ୍ରକଳ୍ପର ଶିଳାନ୍ୟାସ କଲେ ପଂଚାୟତିରାଜ ମନ୍ତ୍ରୀ

ଜୟପୁର, ୨୨/୦୭ (ନି.ପ୍ର): ରାଜ୍ୟ ଗ୍ରାମୀଣ ବିକାଶ ଏବଂ ପଂଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ ୩୩୭ ଗୋଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ୧୬୩.୫୫ କୋଟି ପ୍ରକଳ୍ପରେ ବିକଶିତ ଗାଁ ବିକଶିତ ଓଡିଶା ଯୋଜନା, ଗ୍ରାମୀଣ ବିକାଶ ଏବଂ ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗର ଉନ୍ନୟନମୂଳକ କାର୍ଯ୍ୟ କରାଯିବ । ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ୨୫୮ ପ୍ରକଳ୍ପ ପାଇଁ ୧୨.୭୧ କୋଟି ଟଙ୍କା ଆନୁମାନିକ ମୂଲ୍ୟ ରହିଥିବା ବେଳେ ଗ୍ରାମୀଣ ବିକାଶ ବିଭାଗ ପାଇଁ ୩୦ ଗୋଟି ପ୍ରକଳ୍ପ ରହିଛି । ଯାହାର ଆନୁମାନିକ ମୂଲ୍ୟ ୧୨୫.୧୯ କୋଟି ଟଙ୍କା ରହିଛି । ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ପାଇଁ ୪୯ ଗୋଟି ପ୍ରକଳ୍ପ ରହିଛି ।ଯାହାର ଆନୁମାନିକ ମୂଲ୍ୟ ୨୫.୬୫କୋଟି ଟଙ୍କା ରଖାଯାଇଛି । ଏହି ପ୍ରକଳ୍ପ ଗୁଡ଼ିକ ଶେଷ ହେଲେ ଜିଲ୍ଲାର ଲୋକମାନେ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ।୨୦୨୯ ମସିହା ସୁଦ୍ଧା କୋରାପୁଟ ଜିଲ୍ଲା ଦାଦନ ମୁକ୍ତ ହେବ ବୋଲି ନିଷ୍ପତି ନିଆଯାଇଥିବା ସେ କହିଛନ୍ତି। ୨୦୨୬ ମସିହାରେ କୋରାପୁଟ ଜିଲ୍ଲାବାସୀଙ୍କ ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଣ କରାଯିବ ବୋଲି ସେ କହିଛନ୍ତି ।ନୂଆପଡ଼ା ଜିଲ୍ଲାରୁ ଦାଦନ ମୁକ୍ତ ପ୍ରକଳ୍ପ ଆରମ୍ଭ କରାଯାଇ କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର ଏବଂ ଗଞ୍ଜାମ ଜିଲ୍ଲାରେ ଆରମ୍ଭ କରାଯିବ ।କୋରାପୁଟ ଜିଲ୍ଲାରେ ୩ ଟି ସବୁଜ ପାର୍କ ନିର୍ମାଣ ହୋଇଥିବା ବେଳେ କଫି ଚାଷ ପାଇଁ ଅନେକ ଯୁବ ଉଦ୍ୟୋଗୀ ବାହାରିଲେଣି। ପନିପରିବା ବଜାରୀକରଣ କରିବା ସହ ଆଳୁ ସଂରକ୍ଷଣ ପାଇଁ ସୁବିଧା କରାଯାଇ ପାରିଲେ ଲୋକମାନେ ବାହାର ରାଜ୍ୟକୁ ଆଉ ଯିବେ ନାହିଁ ବୋଲି ସେ କହିଛନ୍ତି। କୋରାପୁଟ ଜିଲ୍ଲାକୁ ୧୫୨୦ ନଳକୂପ ନିର୍ମାଣ କରିବାକୁ ଅନୁମୋଦନ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲର ଅଡିଟୋରିୟମ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା,କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଓ୍ୱାସନ, ଆଇଏଏସ ପ୍ରୋବେସାନେରୀ ସନ୍ତୋଷ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଧନ୍ୟବାଦ ଅର୍ପଣ କରିଥିଲେ। ସୁନାବେଡା ଗ୍ରାମୀଣ ବିକାଶ ମୁଖ୍ୟ ନିର୍ମାଣ ଇଞ୍ଜିନିୟର ପ୍ରଭାକର ବେହେରା, କୋରାପୁଟ ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ପରିମଳ ଅଧିକ୍ଷଣ ଯନ୍ତ୍ରୀ ଜଗନ୍ନାଥ ଚୌଧୁରୀ, କୋରାପୁଟ ଗ୍ରାମୀଣ ବିକାଶ ନିର୍ବାହୀ ଯନ୍ତ୍ରୀ ଶ୍ରୀକୃଷ୍ଣ ଶବର ପ୍ରମୁଖଙ୍କ ସହ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। କୋରାପୁଟ ବିଡିଓ ଦେବାଶିଷ ଗୌଡ଼, କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ଜିଲ୍ଲା ପରିଷଦ କାର୍ଯ୍ୟାଳୟର ହିମାଂଶୁ ଶତପଥି, ଗୌରୀ ଶଙ୍କର ସାହୁ, ମିଶନ ଶକ୍ତି ଜିଲ୍ଲା ସଭାନେତ୍ରୀ ଜ୍ୟୋତିରେଖା ଚେଟ୍ଟି ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ ।

ଏଥି ପୂର୍ବରୁ ବହୁ ପ୍ରତିକ୍ଷୀତ ସୁକୁ ନିର୍ମାଣଧିନ ବ୍ରିଜ ଘଟଣାସ୍ଥଳକୁ ମନ୍ତ୍ରୀ ଶ୍ରୀ ନାୟକ ଯାଇ ଆଲୋଚନା କରି ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୋରାପୁଟ ବ୍ଲକ ବାସିନ୍ଦାଙ୍କ ପାଇଁ ନିର୍ମାଣଧିନ ମେଗା ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ କରିଥିଲେ। କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା, ଜିଲ୍ଲାପାଳ ଭି. କୀର୍ତ୍ତିଓ୍ୱାସନ, ଗ୍ରାମୀଣ ବିକାଶ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରଭାକର ବେହେରା, ନିର୍ବାହୀ ଯନ୍ତ୍ରୀ ଶ୍ରୀକୃଷ୍ଣ ଶବର ପ୍ରମୁଖ ଉପସ୍ଥିତ ଥିଲେ । ଏହାପରେ ଅପରାହ୍ନରେ ପଦ୍ମପୁର ପଂଚାୟତ କାର୍ଯ୍ୟାଳୟ ପରିଦର୍ଶନ କରି ଲୋକମାନଙ୍କ ସହ ସେ ଆଲୋଚନା କରିଥିଲେ । ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ବାଉଁଶଗୁଡା କଫି ନର୍ସରୀ, ସେମିଳିଗୁଡା ବ୍ଲକ ଅନ୍ତର୍ଗତ ମିଲେଟ ପ୍ରକ୍ରିୟାକରଣ ୟୁନିଟ ଏବଂ ସେମିଳିଗୁଡା ସ୍ଥିତ ଅଦା ପ୍ରକ୍ରିୟାକରଣ ୟୁନିଟ ପରିଦର୍ଶନ କରି ସେ ମହିଳା ଗୋଷ୍ଠୀ ସଦସ୍ୟା ମାନଙ୍କ ସହ ଆଲୋଚନା କରିଥିଲେ । ମନ୍ତ୍ରୀଙ୍କ କ୍ଷେତ୍ର ପରିଦର୍ଶନ ବେଳେ କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତିଓ୍ୱାସନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ପ୍ରମୁଖଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

# ‘ଜୀବନରେ ସଫଳ ନାଗରିକ ହେବାପାଇଁ ସାମଗ୍ରୀକ ଜ୍ଞାନ ଆହରଣ କର’

## ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ



ମଣିଷର ଜୀବନ ଅନେକ ଅନେକ ଅସରନ୍ତି ସ୍ମୃତି, ଅଭୁଲା କୃତି ଓ ବିସ୍ମୃତିରେ ଭରା। ଜୀବନର ଚଲାବାଟରେ ପଦପାତ କରୁଥିଲାବେଳେ ସେ ଭେଟେ ଅଜସ୍ର ବ୍ୟକ୍ତିତ୍ୱ ମାନଙ୍କୁ, ଅସଂଖ୍ୟ ଚିହ୍ନା - ଅଚିହ୍ନା ମୁହଁ ମାନଙ୍କୁ। ପଦଚାରଣା କଲାବେଳେ ଜୀବନର ଯାତ୍ରାପଥରେ କେଉଁ ଜଣଶ-ଅଜଣା ମୁହଁମାନେ ତାକୁ ଭଲ ଲାଗନ୍ତି, କେହି ହସରେ, କୁସିରେ ଚାହିଁ ଦେଇଯାଏ, କିଏ ଆନନ୍ଦରେ ଆଗ୍ରହରେ ପଦେ ଦି’ପଦ କଥା ହୁଏ ତ କିଏ ପୁଣି ମୁହଁ ଫେରେଇ ନିଏ ଏ ବସ୍ତୁବାଦୀ ଦୁନିଆଁରେ। ସମୟର ଅସରନ୍ତି ଛନ୍ଦପତନର ଏହା ହିଁ ବୋଧହୁଏ ଅଲିଖିତ ନିୟମ। ଏହି ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ। ବାସ୍ତବରେ ଯିବାଟା ହିଁ ସତ୍ୟ। ଯାହା ପ୍ରମାଣ କରେ ପୁଣିଥରେ ଆସିବାକୁ। ମାତ୍ର ଯେଉଁମାନେ ପରମପୁରୁଷ ଭଗବତ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିର ପଦଚିହ୍ନ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ସତ୍ୟ, ନ୍ୟାୟ ଓ ତ୍ୟାଗର କ୍ଷୁରଧାରକୁ ଅହର୍ନିଶ ପରୀକ୍ଷା କରୁଥିବା, ଜୀବନ ଯନ୍ତ୍ରଣାରେ ବେଦନାବିଦ୍ଧ ହୋଇ ପର ପାଇଁ ସୁଖର ହସ ବାଣ୍ଟୁଥିବା ଜଣେ ସେହିପରି ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଥିଲେ ମୋ ଶ୍ରେଷ୍ଠ ଗୁରୁ ସ୍ୱର୍ଗତଃ ଉଦୟନାଥ ସାହୁ। ମନୁଷ୍ୟ ଜୀବନରେ ସାର୍ଥକତା ହେବାର ଅନ୍ୟତମ ପ୍ରେରଣାଦାତା ହିଁ ଗୁରୁ। ନିଜ ଜୀବନରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଗୁରୁକୃପା ଭଗବାନଙ୍କ ଏକ ଅନନ୍ୟ ସୃଷ୍ଟି। ଜୀବନର ଆରମ୍ଭ ଜୀବନର ପଦପାତ ଠାରୁ ଅ ଆ ଶିଖିବା ଠାରୁ ଜୀବନର ଯେତେବଡ଼ ନିଷ୍ପତ୍ତି ହେଉନା କାହିଁକି ଗୁରୁଙ୍କ ଆବଶ୍ୟକତା, ଗୁରୁ ଆଶୀର୍ବାଦ ଗୁରୁକୃପା ସାଂସାରିକ ବ୍ୟବସ୍ଥାର ଏକ ଅନନ୍ୟ ନୈପୁଣ୍ୟତା। ମୋ ଗୁରୁଦେବ ସ୍ୱର୍ଗତଃ ଉଦୟନାଥ ସାହୁ ୧୯୪୭ ଜାନୁଆରୀ ୬ ତାରିଖରେ ଜି.ଉଦୟଗିରିରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ବାପାଙ୍କ ନାମ ଥିଲା ଖଲି ସାହୁ। ଖଲି ସାହୁଙ୍କ ପାଞ୍ଚଜଣ ସନ୍ତାନ ସନ୍ତତିଙ୍କ ଭିତରେ ବେଶ ହସଖୁସିର ପରିବାରଟି ଥିଲା। ସାରଙ୍କ ଶିକ୍ଷାଗତ ଯୋଗ୍ୟତା ଥିଲା ବିଏସସି ଓ ବିଇଡି ତାଙ୍କ କର୍ମମୟ ଜୀବନ ଚିକିଟି, କଙ୍କାରୋଡ଼ା, ଫୁଲବାଣୀ, ଜି.ଉଦୟଗିରି, ବାଲିଗୁଡ଼ା ଓ ଟିକାବାଲିରେ ଅତିବାହିତ ହୋଇଥିଲା। କର୍ମମୟ ଜୀବନର ସହକାରୀ ଶିକ୍ଷକରୁ ପରବର୍ତ୍ତୀ ସମୟରେ ବରିଷ୍ଠ ଶିକ୍ଷକ, ପ୍ରଧାନ ଶିକ୍ଷକ ଓ ଡିଆଇ ଅଫ ସ୍କୁଲସ୍ ଭାବେ ସେ କର୍ତ୍ତବ୍ୟ ପରାୟଣ ଥିଲେ। ୧୯୯୩ରେ ଶିକ୍ଷାକ୍ଷେତ୍ରରେ ତାଙ୍କ ଅନବଦ୍ୟ ଶ୍ରେଷ୍ଠତ୍ୱ ନିମିତ୍ତ ରାଜ୍ୟ ସମ୍ମାନ ଓ ୨୦୦୧ରେ ଜାତୀୟ ଶିକ୍ଷକ ସମ୍ମାନ ପ୍ରାପ୍ତ ହୋଇଥିଲେ। ଖେଳକୁଦ ଓ ସୃଜନଶୀଳ ସାହିତ୍ୟ ଥିଲା ତାଙ୍କ ଜୀବନର ଅନ୍ୟତମ ସମୟର ଅଂଶ ବିଶେଷ। ସେ ଆମକୁ ଶିକ୍ଷା ଦେବା ସମୟରେ ସଫଳ ମଣିଷ ହେବା ପାଇଁ କେବଳ ମନ୍ତ୍ର ଦେଉନଥିଲେ ସେ ସମୟରେ ବିଦ୍ୟାଳୟ କ୍ରୀଡ଼ା ଠାରୁ ବିଜ୍ଞାନ ମେଳା, ନାଟକରେ ଅଭିନୟ ଠାରୁ ପ୍ରବନ୍ଧ ରଚନା ଓ ବକ୍ତୃତା ପ୍ରତିଯୋଗୀତାରେ ଅଂଶ ଗ୍ରହଣ ପାଇଁ ପ୍ରେରଣା ଉତ୍ସାହ ଉଦ୍ଦୀପନା ଓ ଆଶୀର୍ବାଦ ହିଁ ରଖୁଥିଲେ। ସେ ତାଙ୍କ ଉପଦେଶ ଭିତରେ ଆମକୁ ଅନେକ ବାର କହିଛନ୍ତି - ‘ପାଠ୍ୟ ପୁସ୍ତକ ଜ୍ଞାନ ଜୀବନର ଲକ୍ଷ୍ୟରେ ପହଞ୍ଚାଇବ ନାହିଁ, ଜୀବନରେ ସଫଳ ନାଗରିକ ହେବାପାଇଁ ସାମଗ୍ରୀକ ଜ୍ଞାନ ଆହରଣ କର।’

ଆମ ସମୟରେ ଜଣେ ନୀରବ ଜୀବନ ସାଧକ ଥିଲେ ସେ। ଜୀବନକୁ ସେ କେବଳ ବଞ୍ଚି ନାହାନ୍ତି, ଜୀବନକୁ କେବଳ ସେ ସାଧି ସାଧି ପରିଶେଷରେ ଈଶ୍ୱର ପ୍ରାପ୍ତି ହୋଇଛନ୍ତି। ମନେପଡୁଛି ଏକ ବେଦ ଉପନିଷଦର ଦର୍ଶନର ଧାଡ଼ିଟିଏ - ‘ସ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ୍। ପରିବର୍ତ୍ତିନି ସଂସାରେ ମୃତଃ କୋବା ନ ଜାୟତେ।’ ଦୁର୍ଲ୍ଲଭ ମଣିଷ ଜୀବନର ସଫଳତା କର୍ମ ଉପରେ ହିଁ ନିର୍ଭର କରିଥାଏ। ମଣିଷଟିଏ ଜନ୍ମ ବେଳେ କିଛି ଆଣି ନଥାଏ। ଗଲାବେଳେ କିଛି ନିଏ ନାହିଁ। କାରଣ ଆସିବା ଆଉ ଯିବା ତା’ ହାତର କଥା ନୁହେଁ। ନିଜର ଇଚ୍ଛାର ବ୍ୟାପାର ବି ନୁହେଁ। କିନ୍ତୁ ଆସିବା ଆଉ ଯିବାର ମଝିରେ ଯାହା ଥାଏ ତା’ର ନାମ ଜୀବନ। ଏଥିରେ ରହିଛି ଐଶ୍ୱରୀୟ ଇଚ୍ଛା ଓ ନିଜର ସାଧନା। ତେଣୁ ସଂସାରକୁ କୁହାଯାଏ କର୍ମର କ୍ଷେତ୍ର। ଏଇଟି ହେଉଛି କର୍ମ କରିବାର ପ୍ରକୃଷ୍ଟ କ୍ଷେତ୍ର। ଜଣେ ପ୍ରତିଷ୍ଠିତ ହୁଏ ନିଜର କର୍ମରେ ଆଉ ବଞ୍ଚିରହେ ସେହି କର୍ମରେ। ତେଣୁ କୁହାଯାଏ କର୍ମ ହିଁ ଭଗବାନ। ସୁକର୍ମ କରି ଅନେକ ବ୍ୟକ୍ତି ସଫଳତାର ପାହାଚକୁ ଛୁଇଁଛନ୍ତି। ଏ କଥା ନୂଆ ନୁହେଁ। ନୂଆ ହେଉଛି ବ୍ୟକ୍ତିଟିଏ କିପରି ସଫଳ ହୁଅନ୍ତି, ସେହି ଘଟଣା ହିଁ ନୂଆ। ତାହା ଉଦାହରଣ ହୋଇଯାଏ ସାରା ସମାଜ ପାଇଁ। ସେହିପରି ଉଦାହରଣ ସ୍ତରରେ ପହଞ୍ଚିଥିବା ବ୍ୟକ୍ତି ସେଥିଲେ।

ଉପନିଷଦରେ ଉଲ୍ଲେଖ ରହିଛି ‘ଯିଏ ଧର୍ମକୁ ଆଶ୍ରୟ କରେ ସିଏ ସତ୍ୟନିଷ୍ଠ ହୁଏ। ଧର୍ମ ମନୁଷ୍ୟକୁ ଶୁଦ୍ଧ ମନୁଷ୍ୟରେ ପରିଣତ କରେ। ତା’ଭିତରେ ଥିବା କ୍ଷୁଦ୍ରତା ଓ ସଂକୀର୍ଣ୍ଣତାକୁ ଦୂରେଇ ଦିଏ। ଯିଏ ସମାଜ ସେବାରେ ନିଜକୁ ନିୟୋଜିତ କରିଥାଏ ସେମାନେ ହେଉଛନ୍ତି ସ୍ୱଷ୍ଟିକତୁଲ୍ୟ, ଦୀପ୍ତ, ସ୍ୱଚ୍ଛ ଓ ଶୁଭ୍ର। ରକ୍ତମାଂସର ଶରୀର ଚିରସ୍ଥାୟୀ ନୁହଁ, ମାତ୍ର ଜୀବଦଶାରେ ଯିଏ ଯାହା କରିଯାଇଥାଏ ତାହା ଅମ୍ଳାନ ହୋଇ ରହିଥାଏ ଯୁଗ ଯୁଗକୁ। ଏହି ସଂଘର୍ଷପୂର୍ଣ୍ଣ ଜୀବନରେ ଅନ୍ୟ ମାନଙ୍କ ପାଇଁ ଆପଣାର ମଣିଷଟିଏ ହୋଇ ଅନ୍ୟ ମାନଙ୍କୁ ତିଆରି କରିବା ଓ ଅନ୍ୟ ମାନଙ୍କ ଓଠରେ ହସ ଫୁଟାଇବା ଥିଲା ତାଙ୍କ ଜୀବନଧର୍ମ। ଜାତସ୍ୟ ଧ୍ରୁବମୃତ୍ୟୁଂ ମନୁଷ୍ୟ କ୍ଷଣ ଭଙ୍ଗୁର ଜୀବନରେ ସଂସାରର ରୀତିନୀତି ଅନୁଯାୟୀ ବାହୁଡ଼ିବ ତ ନିଶ୍ଚୟ କିନ୍ତୁ ସ୍ୱର୍ଗତଃ ଉଦୟନାଥ ସାହୁଙ୍କ ପରି ଦିବ୍ୟ ଜୀବନ ବ୍ରତ କରି ଆଗେଇ ଚାଲିଥିବା ସମୟରେ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ଭାଗବତର ବିଲକ୍ଷଣ ଧାଡ଼ିଟି ସହ ଶେଷ କରୁଛି - ‘କେହି ରହିନାହିଁ ରହିବେ ନାହିଁଟି ଭବରଙ୍ଗ ଭୂମି ତଳେ, ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବ କାଳ ବଳେ।’

+ବିଭବ, ଆଚାର୍ଯ୍ୟ କଲୋନୀ,
ବାଲିଗୁଡ଼ା, କନ୍ଧମାଳ,
ମୋ : ୯୪୩୭୨୪୨୩୧୭

# ୭୭ ବର୍ଷ ବୟସରେ ଓଡ଼ିଶା ହାଇକୋର୍ଟ

## ସୌର ଚନ୍ଦ୍ର ମହାପାତ୍ର



ଆଜିକୁ ୭୬ ବର୍ଷ ପୂର୍ବେ ଅର୍ଥାତ୍ ୧୯୪୮ ମସିହା ଜୁଲାଇ ୨୬ ତାରିଖରେ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ହୋଇଥିଲା। ଭାରତର ତତ୍କାଳୀନ ପ୍ରଧାନ ବିଚାରପତି ସାର ହରିଲାଲ ଜେ କାନିଆଙ୍କ ଦ୍ୱାରା କଟକ ସହରରେ ହିଁ ହାଇକୋର୍ଟ ଉଦଘାଟିତ ହୋଇଥିଲା। ହାଇକୋର୍ଟ ଗଠନ ପଛରେ ରହିଛି ଏକ ଲମ୍ବା ଇତିହାସ। ୧୯୧୨, ମାର୍ଚ୍ଚ ୨୨ ବିହାର ଓ ଓଡ଼ିଶାକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ହୋଇଥାଏ। ଏହି ପ୍ରଦେଶର ସମ୍ପୂର୍ଣ୍ଣ ବିଚାର ବ୍ୟବସ୍ଥା ଥିଲା କଲିକତା ହାଇକୋର୍ଟଙ୍କ ଅଧୀନରେ। ୧୯୧୬, ଫେବୃଆରୀ ୯ରେ ପାଟନା ହାଇକୋର୍ଟ ପ୍ରତିଷ୍ଠା ହେଲା। ଭାରତ ଶାସନ ଆଇନ ଅନୁସାରେ ବ୍ରିଟିଶ ରାଣୀଙ୍କ ଦ୍ୱାରା ଏକ ସବତନ୍ତ୍ର ନିର୍ଦ୍ଦେଶନାମା ବଳରେ ଏହି କୋର୍ଟ ଆରମ୍ଭ ହୋଇଥିବା କୁହାଯାଏ। ୧୯୧୬, ମେ ୧୯ରେ କଟକରେ ପାଟନା ହାଇକୋର୍ଟର ପ୍ରଥମ ସର୍କିଟ ବେଞ୍ଚ ବସିଥିଲା। ଏହି ସର୍କିଟ ବେଞ୍ଚରେ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚେମିୟର ଓ ଜଷ୍ଟିସ ସରଫଉଦ୍ଦିନ ବସି ବିଭିନ୍ନ ମାମଲାର ବିଚାର କରିଥିଲେ। ମଧୁ ବାରିଷ୍ଟର ଓରଫ ଉତ୍କଳ ଗୌରବ ମଧୁସୂଦନ ଦାସ ସେତେବେଳେ ଥାଆନ୍ତି ବାର ଆସୋସିଏସନର ସଭାପତି। ଏହି ବେଞ୍ଚଟି ଦିନେ ସ୍ଥାୟୀ ହାଇକୋର୍ଟରେ ରୂପାନ୍ତରିତ ହେବ ବୋଲି ମଧୁବାବୁ ଭବିଷ୍ୟବାଣୀ ଶୁଣାଇଥିଲେ।

୧୯୪୮ ମସିହା ଜୁଲାଇ ୨୬ ତାରିଖ ପୂର୍ବାହ୍ନରେ ହାଇକୋର୍ଟକୁ ଉଦଘାଟନ କରିଥିଲେ ଫେଡେରାଲ କୋର୍ଟ (ବର୍ତ୍ତମାନର ସୁପ୍ରିମକୋର୍ଟ)ର ମୁଖ୍ୟ ବିଚାରପତି ସାର ହୀରାଲାଲ ଜେ.କାନିଆଁ। ମୁଖ୍ୟ ବିଚାରପତିଙ୍କ ସହିତ ତିନିଜଣ ସହଯୋଗୀ ବିଚାରପତି, ଜଷ୍ଟିସ ବୀରକିଶୋର ରାୟ ପ୍ରଥମ ମୁଖ୍ୟ ବିଚାରପତି ଆସନ ଅଳଙ୍କୃତ କରିଥିବାବେଳେ ଜଷ୍ଟିସ ବାବୁ ଜଗନ୍ନାଥ ଦାସ, ଜଷ୍ଟିସ ଲିଙ୍ଗରାଜ ପାଣିଗ୍ରାହୀ ଓ ଜଷ୍ଟିସ ଆର.ଏଲ.ନରସିଂହମ୍‌ଙ୍କୁ ଉଦଘାଟନୀ ଉତ୍ସବରେ ତତ୍କାଳୀନ ରାଜ୍ୟପାଳ ଆସଫ ଅଲ୍ଲୀ ଶପଥ ଗ୍ରହଣ କରାଇଥିଲେ। ୧୯୪୬ ମସିହାରେ ସେ ସମୟରେ ପ୍ରଧାନମନ୍ତ୍ରୀ ରୂପେ ଅଧିଷ୍ଠିତ ଡ.ହରେକୃଷ୍ଣ ମହତାବଙ୍କ ମନ୍ତ୍ରୀମଣ୍ଡଳ ଗଠନର ଦୁଇ ବର୍ଷ ପରେ ପାଟନା ହାଇକୋର୍ଟରୁ ପୃଥକ ହୋଇ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ହୋଇଥିଲା। ୧୯୧୩ ମସିହାରେ ଇଂରେଜ ସରକାର ଓଡ଼ିଶାର କଟକଠାରେ ଓଡ଼ିଶା ଜର୍ଜକୋର୍ଟ ସ୍ଥାପନ କରିଥିଲେ। ୧୯୩୬ ମସିହା ଅପ୍ରେଲ ପହିଲାରେ ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲେ ସୁଦ୍ଧା ଓଡ଼ିଶାରେ ହାଇକୋର୍ଟ ପ୍ରତିଷ୍ଠା ହେବାକୁ ବାରବର୍ଷ ଲାଗିଗଲା। ଏହାର କାରଣ ଥିଲା ମାନ୍ଦ୍ରାଜ (ମାଡ୍ରାସ) ପ୍ରେସିଡେନ୍ସିର ରାଇଟର୍ସ ବିଲଡିଂ ନିର୍ଦ୍ଦେଶରେ ଶାସିତ ହେଉଥିବା ଦକ୍ଷିଣ ଓଡ଼ିଶା ଅଞ୍ଚଳ ଓଡ଼ିଶାରେ ସାମିଲ ହୋଇଥିଲା।

୧୯୩୬ ଏପ୍ରିଲ ୧ ତାରିଖରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଲାଭ କଲା। ଓଡ଼ିଶାରେ ସ୍ୱତନ୍ତ୍ର ହାଇକୋର୍ଟ ପ୍ରତିଷ୍ଠା ହେଉ, ଏଇ ଦାବୀ କୁହୁଳିଲା ଏଇ ଦିନଠାରୁ। ୧୯୪୨ ମସିହା, ଅଗଷ୍ଟ ୧୫ ତାରିଖରେ ହାଇକୋର୍ଟ ପ୍ରତିଷ୍ଠାର ଆବଶ୍ୟକତା ଅନୁଧ୍ୟାନ କରିବାକୁ ବୀର କିଶୋର ରାୟଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଢ଼ାଗଲା। ଏହି କମିଟି ତତ୍କାଳୀନ ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ମନ୍ତ୍ରୀମଣ୍ଡଳରେ ଗୃହୀତ ଏକ ପ୍ରସ୍ତାବ ଅନୁଯାୟୀ ତିଆରି ହୋଇଥିଲା। ବୀର କିଶୋର ରାୟଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ତାଙ୍କ ପ୍ରଦତ୍ତ ରିପୋର୍ଟରେ ସବତନ୍ତ୍ର ହାଇକୋର୍ଟ ପ୍ରତିଷ୍ଠା ପାଇଁ ଅନୁମୋଦନ କରିଥିଲେ। ୧୯୪୮ ଏପ୍ରିଲରେ ଓଡ଼ିଶା ହାଇକୋର୍ଟ ଅର୍ଡ଼ର, ୧୯୪୮ ଜୁଲାଇ ୫ରେ ହାଇକୋର୍ଟ ହେବ ବୋଲି ବିଧିବଦ୍ଧ ଘୋଷଣାନାମା ଜାରି ହୋଇଥିଲା। ସେହି ମାସ ୧୯୪୮ ମସିହା ଜୁଲାଇ ୨୬ ତାରିଖ ଆନୁଷ୍ଠାନିକ ଭାବେ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ହେଲା।

> ୧୯୩୬ ଏପ୍ରିଲ ୧ ତାରିଖରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଲାଭ କଲା। ଓଡ଼ିଶାରେ ସ୍ୱତନ୍ତ୍ର ହାଇକୋର୍ଟ ପ୍ରତିଷ୍ଠା ହେଉ, ଏଇ ଦାବୀ କୁହୁଳିଲା ଏଇ ଦିନଠାରୁ। ୧୯୪୨ ମସିହା, ଅଗଷ୍ଟ ୧୫ ତାରିଖରେ ହାଇକୋର୍ଟ ପ୍ରତିଷ୍ଠାର ଆବଶ୍ୟକତା ଅନୁଧ୍ୟାନ କରିବାକୁ ବୀର କିଶୋର ରାୟଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଢ଼ାଗଲା। ଏହି କମିଟି ତତ୍କାଳୀନ ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ମନ୍ତ୍ରୀମଣ୍ଡଳରେ ଗୃହୀତ ଏକ ପ୍ରସ୍ତାବ ଅନୁଯାୟୀ ତିଆରି ହୋଇଥିଲା। ବୀର କିଶୋର ରାୟଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ତାଙ୍କ ପ୍ରଦତ୍ତ ରିପୋର୍ଟରେ ସବତନ୍ତ୍ର ହାଇକୋର୍ଟ ପ୍ରତିଷ୍ଠା ପାଇଁ ଅନୁମୋଦନ କରିଥିଲେ। ୧୯୪୮ ଏପ୍ରିଲରେ ଓଡ଼ିଶା ହାଇକୋର୍ଟ ଅର୍ଡ଼ର, ୧୯୪୮ ଜୁଲାଇ ୫ରେ ହାଇକୋର୍ଟ ହେବ ବୋଲି ବିଧିବଦ୍ଧ ଘୋଷଣାନାମା ଜାରି ହୋଇଥିଲା। ସେହି ମାସ ୧୯୪୮ ମସିହା ଜୁଲାଇ ୨୬ ତାରିଖ ଆନୁଷ୍ଠାନିକ ଭାବେ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ହେଲା।

ଇଂରେଜ ରାଜତ୍ୱ ସମୟରୁ (ସ୍ୱାଧୀନତା ପରେ ମଧ) ଯେଉଁମାନେ ମାଟ୍ରିକ୍ୟୁଲେସନ ପରେ ଆଇନରେ ଡିପ୍ଲୋମା ପାସ କରୁଥିଲେ ସେମାନଙ୍କୁ ମୁକ୍ତିଆର କୁହାଯାଉଥିଲା। ସେମାନେ କେବଳ ତଳ କୋର୍ଟରେ କାର୍ଯ୍ୟ କରୁଥିଲେ। ଯେଉଁମାନେ ବିଏ ପାସ ପରେ ବିଏଲ ପାସ କରୁଥିଲେ ସେମାନେ ଉଚ୍ଚ ନ୍ୟାୟାଳୟରେ ଆଇନ ବ୍ୟବସାୟ କରିବା ସହିତ ଅନ୍ୟାନ୍ୟ ହାଇକୋର୍ଟରେ ଆଇନ ବ୍ୟବସାୟ କରୁଥିଲେ। (ପୂର୍ବରୁ ମେଡ଼ିକାଲରେ ଯେପରି ବ୍ୟବସ୍ଥା ଥିଲା)। ୧୯୬୨ ପରଠାରୁ ମୁକ୍ତିଆର ବ୍ୟବସ୍ଥା ଉଠାଇ ଦିଆଗଲା। ସମସ୍ତେ ଆଡ଼ଭୋକେଟ ରୂପେ ତଳକୋର୍ଟ ସମେତ ଉଚ୍ଚ ନ୍ୟାୟାଳୟରେ ଆଇନ ବ୍ୟବସାୟ କରିବା ବ୍ୟବସ୍ଥା ହେଲା। ୧୯୬୧ ମସିହା ପରଠାରୁ ଷ୍ଟେଟ ବାର କାଉନସିଲ ସାରା ରାଜ୍ୟରେ ୫୮,୩୨୯ ଜଣଙ୍କୁ ଆଇନ ବ୍ୟବସାୟ କରିବା ପାଇଁ ଲାଇସେନ୍ସ ପ୍ରଦାନ କରିଛନ୍ତି। ଏହି ୬୨ ବର୍ଷ ମଧ୍ୟରେ ୧୯୯୯ ମସିହାରେ ୩୭୬୮ ଜଣଙ୍କୁ ଲାଇସେନ୍ସ ଦେଇଥିବାବେଳେ ୧୯୬୧ ମସିହାରେ ମାତ୍ର ୨୬ ଜଣଙ୍କୁ ଲାଇସେନ୍ସ ପ୍ରଦାନ କରିଥିଲେ। ୧୯୬୭ ମସିହା ପୂର୍ବରୁ ଆଇନ ବ୍ୟବସାୟ କରିବା ନିମନ୍ତେ ଭିନ୍ନ ପ୍ରକାର ବ୍ୟବସ୍ଥା ଥିଲା। ଆଡଭୋକେଟ ହେବାକୁ ହେଲେ ଜଣେ ସିନିୟର ଆଡ଼ଭୋକେଟ ପାଖରେ ୧ବର୍ଷ ୧୦ ମାସ ଆର୍ଟିକିଲ କ୍ଲର୍କ ଭାବେ କାର୍ଯ୍ୟ କରି ଲିଖିତ ଓ ମୌଖିକ ପରୀକ୍ଷାରେ ପାସ କରିବା ପରେ ଲାଇସେନ୍ସ ଦିଆଯାଉଥିଲା। ପୁନରାୟ ୨୦ ବର୍ଷ ପରେ ବାର କାଉନସିଲ ନିଷ୍ପତ୍ତି ଅନୁଯାୟୀ ଏକ ବର୍ଷ ପରେ ଲାଇସେନ୍ସ ବ୍ୟବସ୍ଥା ଚାଲି ଆସୁଥିବାବେଳେ ୧୯୯୯ରେ ତାହା ଉଠାଇ ଦିଆଯାଇଥିଲା। ଯେଉଁମାନେ ଲ ପାସ କଲେ ସେମାନେ କୋର୍ଟରେ ପ୍ରାକ୍ଟିସ କରିପାରିବେ। ହାଇକୋର୍ଟ ଶୁଭାରମ୍ଭ ସମୟରେ କର୍ମଚାରୀ ଥିଲେ ୧୨୩ ଜଣ। ହାଇକୋର୍ଟକୁ ୫୦ ବର୍ଷ ଅତିକ୍ରାନ୍ତ କରିଥିବାବେଳେ ହାଇକୋର୍ଟରେ ଥିଲେ ୬୧୦ଜଣ କର୍ମଚାରୀ। ସେମାନଙ୍କ ମଧ୍ୟରୁ ମାତ୍ର ୪୦ଜଣ ମହିଳା କର୍ମଚାରୀ। ବିଭିନ୍ନ ପ୍ରକାର ମାଲିମକଦ୍ଦମା ପଞ୍ଜୀକରଣ ଦୃଷ୍ଟିରୁ କର୍ମଚାରୀଙ୍କ ସଂଖ୍ୟା ଆବଶ୍ୟକ ହେବାରୁ ବର୍ତ୍ତମାନ ଓଡ଼ିଶା ହାଇକୋର୍ଟରେ ଅଛନ୍ତି ୧୩୬୯ କର୍ମଚାରୀ। ସେମାନଙ୍କ ମଧ୍ୟରୁ ୧୨୮ ମହିଳା କର୍ମଚାରୀ। ଭବିଷ୍ୟତକୁ ଆଖି ଆଗରେ ରଖି ବିଚାରପତି ଅଧିକ ଆବଶ୍ୟକତା ଦୃଷ୍ଟିରୁ କୋର୍ଟ ରୁମ ବ୍ୟବସ୍ଥା ନିମନ୍ତେ ୨୦୦୮ରେ ନୂତନ ସୌଧ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ୨୦୧୪ ଜାନୁଆରୀ ୨ ତାରିଖ ଠାରୁ ନୂତନ ସୌଧରେ କୋର୍ଟ କାର୍ଯ୍ୟ ସମ୍ପାଦନ କରାଯାଉଛି। ଓଡ଼ିଶା ହାଇକୋର୍ଟରେ ୨୦୨୨ ଜୁଲାଇ ସୁଦ୍ଧା ୧୮୮୮୬୯ଟି ମକଦ୍ଦମା ବିଚାର ଅପେକ୍ଷାରେ। ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ଉତ୍ସବରେ ଓଡ଼ିଶାର ତତ୍କାଳୀନ ରାଜ୍ୟପାଳ ଆସିଫ ଅଲ୍ଲୀ ଅଧ୍ୟକ୍ଷତା କରିଥିଲେ। ପଶ୍ଚିମବଙ୍ଗର ତତ୍କାଳୀନ ରାଜ୍ୟପାଳ ଡକ୍ଟର କୈଳାସ ଚନ୍ଦ୍ର କାଟଜୁ, ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ସାର ସୌଲତାନ ଅହମ୍ମଦ, ବଙ୍ଗଳାର ଆଡ଼ଭୋକେଟ ଜେନେରାଲ ସାର ଏସ.ଏସ.ବୋଷ ପ୍ରମୁଖ ଯୋଗ ଦେଇଥିଲେ। ଜଷ୍ଟିସ ବୀର କିଶୋର ରାୟ ଓଡ଼ିଶା ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ଓଡ଼ିଶା ହାଇକୋର୍ଟର ଅନ୍ୟସବୁ ସ୍ଥାୟୀ ବିଚାରପତି ମାନଙ୍କ ମଧ୍ୟରେ ଥିଲେ ଜଷ୍ଟିସ ବି.ଜଗନ୍ନାଥ ଦାସ, ଜଷ୍ଟିସ ଲିଙ୍ଗରାଜ ପ୍ରାଣିଗ୍ରାହୀ, ଜଷ୍ଟିସ ଆର.ଏଲ. ନରସିଂହମ। ଏମାନଙ୍କୁ ନେଇ ଓଡ଼ିଶା ହାଇକୋର୍ଟ ଆରମ୍ଭ ହୋଇଥିଲା। ୧୯୫୮, ଜୁଲାଇ ୨୬ ତାରିଖରେ ହାଇକୋର୍ଟଙ୍କ ପ୍ରଥମ ମୁଖ୍ୟ ବିଚାରପତି ଜଷ୍ଟିସ ବୀର କିଶୋର ରାୟଙ୍କ ପରଲୋକ ହୋଇଥିଲା। ଏହି କାରଣରୁ ଜୁଲାଇ ୨୬ ତାରିଖକୁ ଓଡ଼ିଶା ହାଇକୋର୍ଟଙ୍କ ପ୍ରତିଷ୍ଠା ଦିବସ ଓ ଜଷ୍ଟିସ ବୀରକିଶୋର ରାୟଙ୍କ ଶ୍ରାଦ୍ଧ ଦିବସ ଭାବେ ପାଳନ କରାଯାଉଛି।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,
କଟକ,
ସତ୍ୟାଳୟ’ ପ୍ଲଟ ନଂ - ୧୦୮୭/ଡ଼ି,
ସେକ୍ଟର-୬, କଟକ,
ଦୂରଭାଷ : ୯୪୩୭୦୦୪୪୬୬’

# ମାତୃଭାଷା ଓ ଓଡ଼ିଆ ଅସ୍ମିତା !

## ସୁବାସ କୁମାର ତାରଣିଆଁ



ମୁଁ ଏକ ଘରୋଇ ଅନୁଷ୍ଠାନରେ ଦୀର୍ଘବର୍ଷ ହେବ ଅକ୍ଷର ଶିଳ୍ପୀ (ଡିଟିପି ଅପରେଟର) ଭାବେ କାର୍ଯ୍ୟ କରିଆସୁଅଛି। ମୁଁ କାମ କରୁଥିବା ଅନୁଷ୍ଠାନ ପାଖକୁ ଲାଗି ଏକ ଘରୋଇ ଶିକ୍ଷାନୁଷ୍ଠାନ ଥିଲା। ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ଏବଂ ସ୍ୱାଧୀନତା ଦିବସରେ ଉକ୍ତ ଶିକ୍ଷାନୁଷ୍ଠାନ ତରଫରୁ ଜାତୀୟ ପତାକା ଉତ୍ତୋଳନ ହେବା ସହିତ ଜାତୀୟ ସଙ୍ଗୀତ ଗାନ କରାଯାଇଥାଏ ଏବଂ ସନ୍ଧ୍ୟାରେ ପତାକାଟି ଆଣି ମୋ ଅନୁଷ୍ଠାନରେ ସାଇତି ରଖେ। ସେଦିନ ଥାଏ ଅଗଷ୍ଟ ୧୪ ତାରିଖ। ସନ୍ଧ୍ୟାରେ ଉକ୍ତ ଶିକ୍ଷାନୁଷ୍ଠାନର ଦୁଇଜଣ ଛାତ୍ରୀ ଜେରକ୍ସ କରିବାକୁ ମୋ ପାଖକୁ ଆସିଥିଲେ। ସେହି ସମୟରେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଆସି ମୋତେ କହିଲେ, ସୁବାସ ଜାତୀୟ ପତାକାଟି ବାହାର କରି ରଖିଥାଅ, କାଲି ସକାଳୁ ପତାକା ଉତ୍ତୋଳନ ହେବ। ଏହା ପରେ ସାଇତି ରଖିଥିବା ଜାତୀୟ ପତାକାଟି ବାହାର କରୁଥିବା ସମୟରେ ଜଣେ ଛାତ୍ରୀ ତାଙ୍କ ସହପାଠୀଙ୍କୁ ପଚାରିଥିଲେ, ‘ହ୍ୱାଟ ଇଜ୍ ଦିସ୍’। ସହପାଠୀ ଜଣକ କହିଥିଲେ, ଜାତୀୟ ପତାକା। ଏହାପରେ ଛାତ୍ରୀଜଣକ ପୁଣି ପଚାରିଥିଲେ, ‘ହ୍ୱାଟ୍ ଜାତୀୟ ପତାକା’। ସହପାଠୀ କହିଥିଲେ, ନାସନାଲ ଫ୍ଲାଗ। ଏହା ପରେ ଛାତ୍ରୀଜଣକ ବୁଝିପାରିଥିଲେ ଏବଂ ଜେରକ୍ସ କରି ଚାଲି ଯାଇଥିଲେ।

ଜଣେ ପଞ୍ଚମ ଶ୍ରେଣୀର ଛାତ୍ର କିଛି ପ୍ରଶ୍ନପତ୍ରର ନକଲ କାଢ଼ିବା ପାଇଁ ମୋ ମୋବାଇଲ୍‌କୁ କିଛି ତଥ୍ୟ ପଠାଇଥିଲେ। ଏହାପରେ ଛାତ୍ରଟି ମୋତେ ପଚାରିଥିଲେ ସେହି ପ୍ରଶ୍ନପତ୍ରରେ କେତୋଟି ପୃଷ୍ଠା ଅଛି ? ୪୨ପୃଷ୍ଠା ଅଛି ବୋଲି ମୁଁ କହିବାରୁ, ସେ ମୋତେ କହିଥିଲେ, ଅଙ୍କଲ ଇଂରାଜୀରେ କୁହନ୍ତୁ କେତେ ପୃଷ୍ଠା ? ମୁଁ କହିଥିଲି ‘ଫର୍ଟି ଟୁ’। ସେ ପୁଣି ପଚାରିଥିଲେ, ଅଙ୍କଲ କେତେ ଟଙ୍କା ଲାଗିବ ? ମୁଁ କହିଲି ୧୨୬ ଟଙ୍କା ପଡ଼ିବ। ସେ ପୁନର୍ବାର ମୋତେ ପଚାରିଲେ, ଅଙ୍କଲ, ଇଂରାଜୀରେ କୁହନ୍ତୁ କେତେ ଟଙ୍କା ? ମୁଁ ‘ୱାନ୍ ହଣ୍ଡରେଡ୍ ଟୋଣ୍ଟିସିକ୍ସ’ କହିବାରୁ ସେ ବୁଝିଗଲେ ଏବଂ ପ୍ରଶ୍ନପତ୍ର ବାହାର କରି ମୋତେ ୧୨୬ ଟଙ୍କା ଦେଇ ଚାଲିଯିବା ପରେ ମୁଁ ମନେ ମନେ ଭାବିଲି, ସତରେ ବର୍ତ୍ତମାନର ଛାତ୍ରଛାତ୍ରୀମାନେ ମାତୃଭାଷା ପ୍ରତି ଏତେ ବିମୁଖ କାହିଁକି ? ମାତୃଭାଷା ବଦଳରେ ହିନ୍ଦୀ, ଇଂରାଜୀ ଭାଷାକୁ ବହୁଳ ଭାବରେ ବ୍ୟବହାର କରୁଛନ୍ତି କାହିଁକି ? ଇଂରାଜୀ ଭାଷା ଆନ୍ତର୍ଜାତୀୟ ଯୋଗାଯୋଗର ଭାଷା ହୋଇପାରେ, କିନ୍ତୁ ଇଂରାଜୀ ଭାଷାର ପ୍ରଚାର ଓ ପ୍ରସାର ଫଳରେ ଆମର ସଂସ୍କୃତି ଓ ଜନଜୀବନ ଉପରେ ଯେଉଁ ଖରାପ ପ୍ରଭାବ ପକାଉଛି, ତାହା ହିଁ ଓଡ଼ିଆ ଭାଷା ପାଇଁ ବର୍ତ୍ତମାନ ଘୋର୍ ଚିନ୍ତାର ବିଷୟ ପାଲଟିଛି। ପ୍ରତ୍ୟେକ ଭାଷା ତା’ର ନିଜସ୍ୱ ସଂସ୍କୃତିର ମାଧୁର୍ଯ୍ୟକୁ ବ୍ୟକ୍ତ କରିଥାଏ। ସବୁ ଭାଷା ପରି ଓଡ଼ିଆ ଭାଷାର ଏକ ସ୍ୱତନ୍ତ୍ର ବିଶେଷତ୍ୱ ରହିଛି, ଯାହା ଅନ୍ୟ ଭାଷାର ପ୍ରଭାବରେ ଆଜି ନଷ୍ଟ ହେବାକୁ ଯାଉଛି।

ମାତୃଭାଷା ଜନ୍ମ ହୁଏ ଶିଶୁର ସାମାଜିକ ଓ ମାନସିକ ପରିବେଶରୁ। ମାତୃଭାଷାର ମହତ୍ତ୍ୱକୁ ଉପଲବ୍ଧି କରି ଶିକ୍ଷାବିତ୍‌ମାନେ ମାତୃଭାଷା ଶିକ୍ଷାଦାନର ମାଧ୍ୟମ ହେବା ଉଚିତ୍ ବୋଲି ମତବ୍ୟକ୍ତ କରିଛନ୍ତି। କାରଣ ମାତୃଭାଷା ପିଲାମାନଙ୍କ ମନୋବଳକୁ ଉଦ୍ରେକ କରିବା ସହିତ ଶିକ୍ଷା ପ୍ରତି ସାମଗ୍ରିକ ଓ ସୃଜନଶୀଳତାର ବିକାଶ ଘଟାଇଥାଏ। ମାତୃଭାଷା ତାର ଭାଷାଭାଷୀଙ୍କୁ ଫୁଲମାଳ ଭଳି ଏକତାର ଡୋରୀରେ ବାନ୍ଧି ରଖିଥାଏ। ଯେତେବେଳେ ମାତୃଭାଷା ପ୍ରତି ମମତା ତୁଟିଯାଏ, ସେତେବେଳେ ଏକତା ଭାଙ୍ଗିଯାଏ। କହିବାକୁ ଗଲେ ବର୍ତ୍ତମାନ ମାତୃଭାଷା ପ୍ରତି ମମତା ତୁଟିବାରେ ଲାଗିଛି। ବିଶେଷକରି ଛାତ୍ରଛାତ୍ରୀମାନେ ମାତୃଭାଷା ପ୍ରତି ଆଗ୍ରହ ପ୍ରକାଶ କରୁନାହାଁନ୍ତି। ମାତୃଭାଷା ପ୍ରତି ମମତା ନ ରହିଲେ ଭାଷା ମରିଯାଏ। କିଛି ଓଡ଼ିଆ ନିଜ ମାତୃଭାଷାକୁ ଓଡ଼ିଆ ବୋଲି କହିବାକୁ କୁଣ୍ଠାବୋଧ କରୁଛନ୍ତି। ଅଧିକାଂଶ ଛାତ୍ରସମାଜ ମାତୃଭାଷା ବ୍ୟବହାର କରୁନାହାଁନ୍ତି। ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ଓ ସାମାଜିକ ଗଣମାଧ୍ୟମର ବହୁଳ ପ୍ରଚାର, ପ୍ରସାର ଏହାର ମୁଖ୍ୟ କାରଣ।

ଶିଶୁଟିଏ ଜନ୍ମ ହେବା ପରେ, ପିତାମାତାମାନେ ଶିଶୁଟିକୁ ପ୍ରଥମେ ମାମା, ବାବା, ଦାଦା ଆଦି କହି ମାତୃଭାଷା ଶିଖାଇଥାନ୍ତି, କ୍ରମେ ଶିଶୁଟି ବଡ଼ ହେବା ସହିତ ବାପା, ମା, ଦାଦା, ଖୁଡି, ଭାଇ କହି ନିଜର ମାତୃଭାଷା କହିବା ଆରମ୍ଭ କରିଥାଏ। ମାତ୍ର ଏବେ ଶିଶୁଟିଏ ଜନ୍ମ ହେଲାପରେ, ଶିଶୁର ନାମକରଣରେ ସାଙ୍ଗିଆ ମଧ୍ୟ ରଖୁନାହାଁନ୍ତ। ପିତାମାତାମାନେ ସେମାନଙ୍କ ଶିଶୁକୁ ବିଭିନ୍ନ ପ୍ରକାରର ଇଂରାଜୀ ଓ ହିନ୍ଦି ଭାଷା ଶିଖାଇବା ଫଳରେ ଶିଶୁଟି ମାତୃଭାଷା ପ୍ରତି ମମତା ନରଖି ଇଂରାଜୀ ଓ ହିନ୍ଦି ଭାଷା ପ୍ରତି ଆକର୍ଷିତ ହୋଇଥାଏ। ଶିଶୁକୁ ଦୁଇରୁ ତିନିବର୍ଷ ହେବା ମାତ୍ରେ ପିତାମାତା ଘରୋଇ ଇଂରାଜୀ ବିଦ୍ୟାଳୟରେ ଶିଶୁଟିର ନାମ ଲେଖାଇ ଦେଉଛନ୍ତି। ପିଲାଟି ଶିକ୍ଷା ଆରମ୍ଭରୁ ‘ଏ’ ଫର୍ ଆପୁଲ, ‘ବି’ ଫର ବଲ୍ ଇତ୍ୟାଦି ଶିକ୍ଷା ଗ୍ରହଣ କରିବା ପରେ ସରକାରୀ ସ୍କୁଲ୍‌ରେ ପଢିବାକୁ ଆଉ ଇଚ୍ଛାପ୍ରକାଶ କରୁନାହିଁ। ଶିଶୁଟି ନିଜର ଜନ୍ମଦାତ୍ରୀଙ୍କୁ ବାପା, ମାଆ ସମ୍ବୋଧନ ନକରି ମମି, ଡାଡ଼ି ବୋଲି ସମ୍ବୋଧନ କରୁଛନ୍ତି ଓ ଗୁରୁଜୀ, ଗୁରୁମାଆଙ୍କୁ ପ୍ରଣାମ କରିବା ବଦଳରେ ହାଲୋ, ହାଏ, ଗୁଡ଼ ମର୍ଣ୍ଣି କହିଲେଣି। ବିଦ୍ୟାଳୟ, କୋଚିଙ୍ଗ ସେଣ୍ଟର, ସପିଂମଲ୍, ଫାଷ୍ଟଫୁଡ୍ ଆଦି ଜାଗାରେ ଆଜିର ଛାତ୍ରସମାଜ ପରସ୍ପରଙ୍କ ମଧ୍ୟରେ ଯେଭଳି ଇଂରାଜୀ ଓ ହିନ୍ଦିଭାଷାରେ କଥାବାର୍ତ୍ତା ହେଉଛନ୍ତି, ଲାଗୁଛି ସତେ ଯେପରି ଏମାନେ ଓଡ଼ିଆ ଘରର ପିଲା ନୁହଁନ୍ତି। ଦ୍ୱିତୀୟତଃ ପିଲାମାନଙ୍କ ପାଠପଢାକୁ ନେଇ ପିତାମାତାମାନେ ଯେତିକି ଚିନ୍ତିତ ନୁହଁନ୍ତି, ଘରୋଇ ଶିକ୍ଷାନୁଷ୍ଠାନମାନେ ତା ଠାରୁ ଅଧିକ ତତ୍ପର ହୋଇ ଉଠୁଛନ୍ତି। ବର୍ତ୍ତମାନ ସାରା ରାଜ୍ୟରେ ଛତୁ ଫୁଟିଲା ଭଳି ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନ ଗଢି ଉଠୁଛି ଏବଂ ଶିକ୍ଷାଦାନକୁ ନେଇ ଏମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଦ୍ୱନ୍ଦିତା ଚାଲିଛି। ଏହି ଶିକ୍ଷାନୁଷ୍ଠାନରେ ମାତୃଭାଷାକୁ ଗୁରୁତ୍ୱ ନ ଦେଇ ଇଂରାଜୀ ଓ ହିନ୍ଦିଭାଷାରେ ଶିକ୍ଷାଦାନ ଦିଆଯାଉଛି। ଶିକ୍ଷାଦାନକୁ ନେଇ ଘରୋଇ ଶିକ୍ଷାନୁଷ୍ଠାନମାନେ ଯେତେ ପ୍ରକାର ଆକର୍ଷଣୀୟ ବିଜ୍ଞାପନ ଜାରି କରୁଛନ୍ତି, ପିଲାଙ୍କ ନାମ ଲେଖାଇବା ପାଇଁ ପିତାମାତାଙ୍କ ଭିଡ଼ ଜମିବାରେ ଲାଗୁଛି। ଫଳରେ ଘରୋଇ ଶିକ୍ଷାନୁଷ୍ଠାନରେ ପିଲାଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ, ସରକାରୀ ବିଦ୍ୟାଳୟମାନଙ୍କରେ ପିଲାଙ୍କ ସଂଖ୍ୟା କମି କମି ଚାଲିଛି। ସରକାରୀ ବିଦ୍ୟାଳୟ ଅପେକ୍ଷା ଘରୋଇ ଶିକ୍ଷାନୁଷ୍ଠାନରେ ପାଠ ପଢିଲେ ଯେ ଜଣେ ମେଧାବୀ ଛାତ୍ର ହୋଇପାରିବ, ତାହା ବୁଝିବା ଭୁଲ। ଅନ୍ତର୍ନିହିତ ଜ୍ଞାନ ଭିତରେ ଥିବା ପ୍ରତିଭାକୁ ପରିପ୍ରକାଶ କରିପାରିଲେ ଓ ମାତୃଭାଷାକୁ ସଠିକ୍ ଭାବେ ଆହରଣ କରିପାରିଲେ ଜଣେ ମେଧାବୀ ଛାତ୍ର ହୋଇପାରିବ।

୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାରେ ପରିବର୍ତ୍ତନ ହେଲା। ଓଡ଼ିଆ ଅସ୍ମିତା ନାରା ଦେଇ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିଲା। ସରକାରକୁ ଆସିବା ପରେ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ କଲେ। ଓଡ଼ିଶାର ଭୌତିକ ପ୍ରଗତି ସହ ସାଂସ୍କୃତିକ ପ୍ରଗତିକୁ ପ୍ରାଥମିକତା ଦିଆଯିବ। ଓଡ଼ିଆ ଅସ୍ମିତା ପ୍ରତିଷ୍ଠା, ଅଭିବୃଦ୍ଧି, ସଂରକ୍ଷଣ ଓ ପ୍ରସାରକୁ ଗୁରୁତ୍ୱ ଦିଆଯିବ। ଓଡ଼ିଆ ସାହିତ୍ୟ, ସଙ୍ଗୀତ, ନାଟକ ଓ ଲଳିତକଳା ଏକାଡ଼େମୀର ପୁନର୍ଗଠନ ଓ କାର୍ଯ୍ୟକ୍ଷମତା ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ। ଏଥିସହିତ ଓଡ଼ିଶୀ ଗବେଷଣା କେନ୍ଦ୍ରକୁ କ୍ରିୟାଶୀଳ କରାଯିବ। ଓଡ଼ିଆ ଅସ୍ମିତା ଉପରେ ଗୁଣାତ୍ମକ ଗବେଷଣାକୁ ପ୍ରୋତ୍ସାହିତ କରାଯିବ। ଓଡ଼ିଆ ଭାଷା ସାହିତ୍ୟର ପ୍ରସାର ପାଇଁ ଅନୁବାଦ ଏକାଡ଼େମୀ ପ୍ରତିଷ୍ଠା ହେବ। ମାତୃଭାଷା ପାଇଁ ଆଧୁନିକ, ସରଳ ଓ ସୁଗମ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ପାଇଁ ବ୍ୟବସ୍ଥା ହେବ। ଓଡ଼ିଆ ଭାଷା ଭବନ, ଅସ୍ମିତା ଭବନ ନିର୍ମାଣ କରାଯିବା ସହିତ ଭାଷା ଆୟୋଗ ଗଠନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏବେଠୁ ସବୁ ସରାକରୀ ଓ ବେସରକାରୀ କାର୍ଯ୍ୟାଳୟରେ ସମସ୍ତ ନଥିପତ୍ର ଓଡ଼ିଆଭାଷାରେ କାର୍ଯ୍ୟକାରୀ ହେବ ଏବଂ ସରକାରୀସ୍ତରରେ ମାତୃଭାଷାର ବ୍ୟବହାରକୁ ବ୍ୟାପକ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସରକାର ଘୋଷଣା କରିଛନ୍ତି। ଆବଶ୍ୟକ ପଡ଼ିଲେ ସରକାରୀ ଭାଷା ଆଇନରେ ସଂଶୋଧନ କରାଯିବ। ଓଡ଼ିଆ ଭାଷା ପ୍ରତିଷ୍ଠାନର ପୁନର୍ଗଠନ କରାଯିବ। ପ୍ରତ୍ୟେକ ଜିଲ୍ଲାରେ ସମନ୍ୱିତ ସଂସ୍କୃତି ଭବନ ନିର୍ମାଣ ସହ ଜିଲ୍ଲାର କଳା ସଂସ୍କୃତିକୁ ପ୍ରୋତ୍ସାହିତ କରାଯିବ। ରାଜ୍ୟ ପରିଚାଳନା ମାତୃଭାଷା ଓଡ଼ିଆରେ ହେବ। ଉଭୟ ସରକାରୀ ଓ ବେସରକାରୀସ୍ତରରେ ମାତୃଭାଷାର ବ୍ୟାପକ ବ୍ୟବହାରକୁ ସହଜ, ସରଳ ଓ ସୁଗମ କରିବା ପାଇଁ ଉପଯୁକ୍ତ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ନିମନ୍ତେ ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଲେ। ହେଲେ ଏହା ଏପର୍ଯ୍ୟନ୍ତ କେବଳ ନିର୍ଦ୍ଦେଶରେ ସୀମିତ ରହିଗଲା ପରି ମନେ ହେଉଛି। ଏବେ ବି ବହୁ ବିଭାଗ ପୂର୍ବପରି ଇଂରାଜୀ ଭାଷାକୁ ସର୍ବାଧିକ ବ୍ୟବହାର କରୁଥିବା ବେଳେ ଓଡ଼ିଆ ଭାଷାକୁ ଗୌଣ କରିଦେଉଥିବା ଦେଖିବାକୁ ମିଳୁଛି। କେବଳ ନାମକୁ ମାତ୍ର କିଛି ବିଭାଗ ମଝିରେ ମଝିରେ ଓଡ଼ିଆ ଭାଷାରେ ଚିଠି ଲେଖି ଭାଷାପ୍ରୀତି ଦେଖାଇବାକୁ ଚେଷ୍ଟା କରୁଛନ୍ତି ହେଲେ ଅଧିକାଂଶ ସମୟରେ ବିଭାଗ ଓ ବିଭିନ୍ନ ନିର୍ଦ୍ଦେଶାଳୟଗୁଡ଼ିକରେ ଚିଠିପତ୍ର ଇଂରାଜୀରେ ପ୍ରକାଶିତ ହେଉଛି ଓ ଅଧିକାରୀମାନେ ସରକାରୀ ନିୟମକୁ ମାନୁ ନାହାଁନ୍ତି।

ମାତୃଭାଷା ପ୍ରତି ମମତା ଜାଗ୍ରତ କରିବାକୁ ହେଲେ ଜଣେ ଓଡ଼ିଆ ଭାବରେ ନିଜକୁ ଗର୍ବ କରିବାକୁ ପଡ଼ିବ, ପ୍ରତ୍ୟେକ ଓଡ଼ିଆ ନିଜ ମାତୃଭାଷା ଓଡ଼ିଆ ବୋଲି ପରିଚୟ ଦେବା ଦରକାର। ସମସ୍ତ ସରକାରୀ ଓ ଘରୋଇ ବିଦ୍ୟାଳୟରେ ମାତୃଭାଷାକୁ ବାଧ୍ୟତାମୂଳକ କରିବା ସହିତ ସମସ୍ତ ଛାତ୍ରଛାତ୍ରୀ ଯେପରି ମାତୃଭାଷା ପ୍ରତି ଆକୃଷ୍ଟ ହେବେ, ସେଥିପ୍ରତି ଦୃଷ୍ଟିଦେବା, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ସମସ୍ତ ନଥିପତ୍ର ଓଡ଼ିଆଭାଷାରେ କାର୍ଯ୍ୟକାରୀ କରିବା ଦରକାର। ଯଦି କୌଣସି ଅନୁଷ୍ଠାନ ଏହି ଆଇନକୁ କାର୍ଯ୍ୟକାରୀ ନକରନ୍ତି, ତେବେ ସେମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର। ଏହି ଦିଗ ପ୍ରତି ବିଭାଗ ଓ ନିର୍ଦ୍ଦେଶାଳୟଗୁଡ଼ିକ ଦୃଷ୍ଟି ଦେବା ନିତାନ୍ତ ଜରୁରୀ, ତେବେ ଯାଇ ମାତୃଭାଷା ବଞ୍ଚିରହିବ।

+କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର
ମୋ : ୮୩୨୮୮୪୦୨୧୪

# ପିଲାଙ୍କ ଦୁର୍ବଳତାକୁ ହାଲ୍କା ଭାବେ ନିଅନ୍ତୁନି



ପିଲାମାନେ ସେମାନଙ୍କ ହାତ ତଥା ପାଦରେ ଦୁର୍ବଳତା ଅନୁଭବ କରୁଥିବା ବେଳେବେଳେ କହିଥାନ୍ତି । ତେବେ ସେମାନଙ୍କର ଏହି ଅଭିଯୋଗକୁ ହାଲୁକା ଭାବେ ଗ୍ରହଣ କରନ୍ତୁନି । ଏହା ସାଧାରଣ ହୋଇପାରେ । ବେଳେବେଳେ ଚିନ୍ତାଜନକ ବି ହୋଇପାରେ । ଜନ୍ମରୁ ଦୁର୍ବଳ ପିଲା କୌଣସି ଆନୁବଂଶିକ ରୋଗର ଶିକାର ହୋଇପାରିଥାନ୍ତି ବା ଗର୍ଭାବସ୍ଥା ବେଳେ କୌଣସି ବିକାର ଦ୍ୱାରା ଆକ୍ରାନ୍ତ ହୋଇପାରିଥାନ୍ତି । ଡ଼ାଉନ ସିନଡ୍ରେମ୍, ମସ୍କ୍ୟୁଲାର ଡ଼ିଷ୍ଟ୍ରଫି ଆଦିରେ ଆକ୍ରାନ୍ତ ପିଲାମାନେ ସାଧାରଣ ପିଲାଙ୍କ ଠାରୁ ଅନେକ କ୍ଷେତ୍ରରେ ପଛୁଆ ରହିଥାନ୍ତି।

କୌଣସି ରୋଗ ବେଶୀ ଦିନ ରହିବା ବା ହରମୋନରେ ଅସନ୍ତୁଳନ ଯୋଗୁଁ ପିଲାମାନଙ୍କଠାରେ ଦୁର୍ବଳତା ଅଧିକ ସମୟ ଧରି ରହିଥାଏ । ପିଲାଙ୍କୁ ଟିବି, ଯକୃତରେ ଦୁର୍ବଳତା, ଥାଏରଏଡ଼ ଦୁର୍ବଳତା ଭଳି କିଛି ରୋଗର ଲକ୍ଷଣ ସାଧାରଣ ଦୁର୍ବଳତା ରୂପରେ ସାମ୍ନାକୁ ଆସିଥାଏ। ଠିକ୍ ସମୟରେ ଡାକ୍ତରଙ୍କ ପରାମର୍ଶ ପିଲାଙ୍କୁ ଏହାଠାରୁ ମୁକ୍ତି ଦେଇପାରେ ।

ପୁଷ୍ଟିହୀନତା ମଧ୍ୟ ପିଲାକୁ ଅଧିକରୁ ଅଧିକ ରୋଗକ୍ରାନ୍ତ କରିଥାଏ । କିଛି ପୋଷକ ତତ୍ତ୍ୱ ଯେପରି କ୍ୟାଲସିୟମ, ଫସଫରସ୍ ବା ଭିଟାମିନ୍ ସିଓ ଡି ର ଅଭାବ ଯୋଗୁ ପିଲା ଦୁର୍ବଳତା ଅନୁଭବ କରିଥାଏ ।ଏହାର ଅଭାବରେ ପିଲାର ଗୋଡ଼, ଚାଲିବା ବେଳେ ବଙ୍କା ପଡ଼ିଥାଏ । ବା ସେ ବାରମ୍ବାର ଖସି ପଡ଼ିଥାଏ । ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନେଇ ପିଲାଙ୍କ ପାଇଁ ମଝିରେ ମଝିରେ ସନ୍ତୁଳିତ ଭୋଜନରେ ବ୍ୟବସ୍ଥା କରାଇବା ଦରକାର । ଏହାଦ୍ୱାରା ପିଲାକୁ ଯେ କୌଣସି ପ୍ରକାର ଦୁର୍ବଳତାଠାରୁ ଦୂରେଇ ରଖାଯାଇପାରିବ। ଜନ୍ମରୁ ଦୁର୍ବଳ ପିଲାର ଆଂଶିକ ଉପଚାର ମଧ୍ୟ କରାଯାଇପାରିବ । ପିଲାଙ୍କ କ୍ଷେତ୍ରରେ ଗୁଲେନ ବାର ସନଡ୍ରେମ୍ ଏଭଳି ଏକ ରୋଗ ଯେଉଁଥିରେ ଦୁର୍ବଳତା ପାଦରୁ ଆରମ୍ଭ ହୋଇ ହାତ, ଛାତି ଦେଇ ପର୍ଯ୍ୟନ୍ତ ଆସିଯାଇଥାଏ । ଠିକ୍ ସମୟରେ ଠିକ୍ ଉପଚାର କଲେ ଏହି ଭୟାନକ ରୋଗରୁ ପିଲାକୁ ମୁକ୍ତ ରଖାଯାଇପାରିବ।

ଡାକ୍ତରଙ୍କ ସାମାନ୍ୟ ଭୁଲ୍ ମଧ୍ୟ ଆପଣଙ୍କ ପିଲାଙ୍କୁ ସବୁଦିନ ପାଇଁ ଅକ୍ଷମ କରାଇପାରେ । କୌଣସିଠାରେ ଆଘାତ ଯୋଗୁ ପିଲାକୁ ଯଦି କୌଣସି ଭୁଲ ଇଞ୍ଜେକସନ ଦିଆଯାଏ ଏହାଦ୍ୱାରା ସେ ସବୁଦିନ ପାଇଁ ପଙ୍ଗୁ ହୋଇଯାଇପାରେ । ତେଣୁ ପିଲା କେବେ ବି ଦୁର୍ବଳତା ଅନୁଭବ କରୁଥିବା କହୁଥିଲେ ତାକୁ ନଜର ଅନ୍ଦାଜ କରନ୍ତୁ ନାହିଁ ।





# ଶ୍ରାବଣ ମାସରେ କିପରି ପାଇବ ପ୍ରଭୁଙ୍କ କୃପା...

ହିନ୍ଦୁ ଧର୍ମରେ ଶ୍ରାବଣ ମାସର ବିଶେଷ ମହତ୍ତ୍ୱ ରହିଛି। ଭଗବାନ ଶିବଙ୍କୁ ଏହି ପବିତ୍ର ମାସରେ ନିଷ୍ଠାର ସହ ଉପାସନା କଲେ ପ୍ରଭୁ କୃପା ମିଳିବା ସହ ରୋଗବ୍ୟାଧିରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ଅଛି। ତେବେ ଏହି ମାସରେ ଆଉ କ'ଣ କରିବା ଶୁଭ ହୋଇଥାଏ ଜାଣନ୍ତୁ ସେ ସମ୍ପର୍କରେ...

- ଏହି ମାସରେ ବ୍ରାହ୍ମଣ ତଥା ଗରିବ, ଅସହାୟ ଲୋକଙ୍କୁ ଦାନପୁଣ୍ୟ କରିବା ଶୁଭ। ଖାସ୍ କରି ଅନ୍ନ, ବସ୍ତ୍ର, ଜଳ, ଛତା ତଥା ଧାର୍ମିକ ପୁସ୍ତକ ଦାନ କରିବା ଉତ୍ତମ ଫଳ ପ୍ରଦାନ କରିଥାଏ।
- ମନରେ କ୍ରୋଧ, ଲୋଭ, ହିଂସା ନ ରଖି, କାହା ପ୍ରତି ଅପଶବ୍ଦ ବ୍ୟବହାର ନ କରି ଉତ୍ତମ ଆଚରଣ କଲେ ପ୍ରଭୁ ସନ୍ତୁଷ୍ଟ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି।
- ତାମସିକ ଭୋଜନ ପରିବର୍ତ୍ତେ ସାତ୍ତ୍ୱିକ ଭୋଜନ କରିବା ଏ ମାସରେ ଶୁଭ ହୋଇଥାଏ।
- ଏହି ମାସରେ ଦେବ ଦେବ ମହାଦେବଙ୍କୁ ବେଲପତ୍ର, ଦୁଦୁରା ଫୁଲ ଆଦି ଅର୍ପଣ କରିବା ଶୁଭ ହୋଇଥାଏ।
- ଏହି ପବିତ୍ର ମାସରେ ରୁଦ୍ରାଭିଷେକ କରାଇବା ମଧ୍ୟ ଅତ୍ୟନ୍ତ ଶୁଭ ହୋଇଥାଏ। ପ୍ରଭୁଙ୍କର କରୁଣା ଥିଲେ ପୂଜା ସଫଳ ହୋଇ ମନୋସ୍କାମନା ପୂରଣ ହୁଏ।
- ଏହି ମାସରେ ପ୍ରତିଦିନ ବିଶେଷକରି ସୋମବାର ଦିନ ପବିତ୍ର ମନରେ ୧୦୮ ଥର ଓଁନମଃ ଶିବାୟ ଏବଂ ମହା ମୃତ୍ୟୁଞ୍ଜୟ ମନ୍ତ୍ର ଜପ କଲେ ପ୍ରଭୁ ପ୍ରସନ୍ନ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି।
- ଗୋ-ସେବା କରିବା ମଧ୍ୟ ଏହି ମାସରେ ଶୁଭ ଫଳ ପ୍ରଦାନ କରିଥାଏ।



# ସ୍ୱାସ୍ଥ୍ୟ ପାଇଁ ଅମୃତ ଚିଆ ସିଡ୍ସ: ଭୁଲ୍‌ରେ ବି ଏସବୁ ଖାଦ୍ୟ ସହ କରନ୍ତୁ ନାହିଁ ସେବନ

ସିଡ୍ସ ସେବନ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। କାରଣ ଏଥିରେ ଅନେକ ପ୍ରକାରର ପୋଷକ ତତ୍ତ୍ୱ, ଆଣ୍ଟି ଅକ୍ସିଡାଣ୍ଟ, ସ୍ୱାସ୍ଥ୍ୟକର ଫ୍ୟାଟ୍ସ ଏବଂ ପ୍ରୋଟିନ ରହିଥାଏ। ଏସବୁ ପୋଷକ ତତ୍ତ୍ୱ ପାଚନତନ୍ତ୍ରକୁ ସୁସ୍ଥ ରଖିଥାଏ। ସିଡ୍ସ ଖାଇବା ଦ୍ୱାରା ଇମ୍ୟୁନିଟି ବୃଦ୍ଧି ପାଇଥାଏ। ସମସ୍ତ ସିଡ୍ସ ମଧ୍ୟରୁ ଗୋଟିଏ ହେଲା ଚିଆ ସିଡ୍ସ। ଏହାକୁ ଖାଇବା ଦ୍ୱାରା ଅଗଣିତ ଲାଭ ମିଳିଥାଏ।

ଚିଆ ସିଡ୍ସର ସେବନ ସ୍ୱାସ୍ଥ୍ୟ ପକ୍ଷେ ଲାଭକାରୀ ବୋଲି କୁହାଯାଏ। ହେଲେ ଏହାକୁ କେଉଁଭଳି ଭାବେ ସେବନ କରିବା ଦ୍ୱାରା ଲାଭ ମିଳିଥାଏ ତାହା ଅନେକଙ୍କୁ ଅଜଣା। ଏଣୁ ଏହାର ଖାଇବା ପଦ୍ଧତି ଉପରେ ଧ୍ୟାନ ଦେବା ଉଚିତ। କାରଣ କିଛି ଖାଦ୍ୟ ସହ ଚିଆ ସିଡ୍ସର ସେବନ କରିବା ଦ୍ୱାରା ଏହା ଶରୀର ପାଇଁ ବିଷ ସଦୃଶ କାର୍ଯ୍ୟ



କରିଥାଏ। ଯଦି ଆପଣ ଚିଆ ସିଡ୍ସ ଖାଉଥାନ୍ତି ତେବେ ଏଥିସହ ଫାଇଟିକ୍ ଏସିଡ୍ ଭରପୂର ଖାଦ୍ୟ ଖାଆନ୍ତୁ ନାହିଁ। ଏସବୁ ଖାଦ୍ୟ ମଧ୍ୟରେ ବିନ୍ସ, ମସୁର ଡ଼ାଲି, ଡ୍ରାଏ ଫ୍ରୁଟ୍ସ ଆଦି ସାମିଲ ରହିଛି। ଏଣୁ ଏସବୁକୁ ଭିନ୍ନ ଭିନ୍ନ ସମୟରେ ସେବନ କରନ୍ତୁ। ଏକାଠି ଖାଇବା ଦ୍ୱାରା ଏହା ଲାଭ କରିବା ବଦଳରେ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇଥାଏ। ଚିଆ ସିଡ୍ସରେ ଭରପୂର ଫାଇବର ଥାଏ। ପ୍ରାୟ ୨୮ ଗ୍ରାମ ସିଡ୍ସରେ ୧୦ ଗ୍ରାମ ପାଖାପାଖି ଡାଇଟାରୀ ଫାଇବର ଥାଏ। ଏଣୁ ଏଥିରେ ଓଟ୍ସ, ସେଉ, ନାସପାତି ଭଳି ଖାଦ୍ୟ ଖିଆଯାଏ ତେବେ ପାଚନତନ୍ତ୍ର ଉପରେ ପ୍ରଭାବ ପଡ଼ିଥାଏ। ଏହାଦ୍ୱାରା ଗ୍ୟାସ, ବ୍ଲୋଟିଂ, ପେଟ ବ୍ୟଥା ଭଳି ସମସ୍ୟା ଉପୁଜିଥାଏ। ଦୁଗ୍ଧ କିମ୍ବା ଦୁଗ୍ଧ ଜାତୀୟ ପଦାର୍ଥର ସେବନ ଚିଆ ସିଡ୍ସ ସହ ଭୁଲ୍‌ରେ ବି କରନ୍ତୁ ନାହିଁ। ଯାହାକୁ ଦୁଗ୍ଧ, ଦହି କିମ୍ବା ଅନ୍ୟ ଦୁଗ୍ଧଜାତୀୟ ଦ୍ରବ୍ୟଠାରୁ ଆଲର୍ଜି ରହିଛି ଯଦି ସେମାନେ ଏହା ସହ ଚିଆ ସିଡ୍ସ ଖାଆନ୍ତି ତେବେ ପାଚନ ତନ୍ତ୍ର ସହ ଜଡ଼ିତ ସମସ୍ୟା ବୃଦ୍ଧି ପାଇବ। ପ୍ୟାକେଟରେ ମିଳୁଥିବା ଫ୍ରୁଟ୍ ଜୁସ୍ ସହ ସେବନ କରନ୍ତୁ ନାହିଁ। କାରଣ ସେସବୁରେ ଅତ୍ୟଧିକ ଚିନି ସହ ପ୍ରିଜରଭେଟିଭ୍ ଥାଏ। ଏହି ଚିନି ରକ୍ତରେ ସର୍କରାକୁ ବୃଦ୍ଧି କରିପାରେ। ଚିଆ ସିଡ୍ସରୁ ମିଳୁଥିବା ଲାଭକୁ କମ୍ କରିପାରେ। ଏଣୁ ତାଜା ଫଳରସ ନଚେତ ସାଧା ପାଣି ସହ ସେବନ କରିବା ଉଚିତ।

# ଏହି ପେଟରୋଗ ସମସ୍ୟା ଥିଲେ ବଢ଼ିଥାଏ ଓଜନ: ଜାଣନ୍ତୁ କାରଣ, ନିରାକରଣ

ପ୍ରାୟତଃ ଲୋକମାନେ ବିଶ୍ୱାସ କରନ୍ତି ଯେ, ପେଟ ରୋଗ ଥିଲେ ଓଜନ ପ୍ରାୟତଃ ହ୍ରାସ ପାଇଥାଏ। ମାତ୍ର ନା କିଚି ପେଟ ସମ୍ବନ୍ଧୀୟ ସମସ୍ୟା ଯୋଗୁ ହିଁ ଓଜନ ବଢ଼ିଥାଏ ବୋଲି ଯାହା ସ୍ୱାସ୍ଥ୍ୟ ବିଶେଷଜ୍ଞ କୁହନ୍ତି। ଏହି ସମସ୍ୟାଗୁଡ଼ିକ ମେଟାବୋଲିଜିମ୍ ଧିର କରିଦିଏ, ପାଚନ ପ୍ରକ୍ରିୟାକୁ ନଷ୍ଟ କରିଦିଏ ଏବଂ ଶରୀରରେ ଚର୍ବି ସଂରକ୍ଷଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ। ଯଦି କୌଣସି କାରଣ ବିନା ଓଜନ ବୃଦ୍ଧି ପାଉଛି ଏବଂ ପେଟ ସମ୍ବନ୍ଧୀୟ ସମସ୍ୟା ମଧ୍ୟ ଦେଖାଯାଉଛି, ତେବେ ଏହାର ମୂଳରେ କୌଣସି ଆଭ୍ୟନ୍ତରୀଣ ରୋଗ ଲୁଚି ଥାଇପାରେ।

ଇରିଟେବଲ ବାଓ୍ୱେଲ ସିଣ୍ଡ୍ରୋମ ଅର୍ଥାତ୍ ଆଇବିଏସ ରୋଗ ଯୋଗୁ ପେଟ ଫୁଲିବା, ଗ୍ୟାସ, କୋଷ୍ଠକାଠିନ୍ୟ କିମ୍ବା ଡାଇରିଆ ଭଳି ଲକ୍ଷଣ ସହିତ ଆସିଥାଏ। ଆଇବିଏସ୍ ଏକ ମାନସିକ ଚାପ ଏବଂ ଅନ୍ତନଳୀ ସମ୍ବେଦନଶୀଳତା ସହିତ ଜଡ଼ିତ ରୋଗ। ଏହି ରୋଗରେ ଯେତେବେଳେ କୋଷ୍ଠକାଠିନ୍ୟ ବଢ଼େ ବ୍ୟକ୍ତି ପେଟରେ ଭାରୀ ଅନୁଭବ କରିବାକୁ ଲାଗନ୍ତି ଏବଂ ଶରୀରରେ ପାଣି ଜମା ହେବାର ସମସ୍ୟା ଆରମ୍ଭ ହୁଏ। ଏହା ମେଟାବୋଲିଜିମ୍‌କୁ ମନ୍ଥର କରିଦିଏ ଏବଂ ଓଜନ ବୃଦ୍ଧି କରାଇଥାଏ। ଦିଲ୍ଲୀ ଏମସର ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗର ପୂର୍ବତନ ମୁଖ୍ୟ ଡାକ୍ତର କୁହନ୍ତି, ପେଟ ରୋଗ ଏବେ ବହୁତ ସାଧାରଣ ହୋଇଗଲାଣି। ଏଥିରେ ଅନ୍ତନଳୀରେ ଉପସ୍ଥିତ ଭଲ ଏବଂ ଖରାପ ବ୍ୟାକ୍ଟେରିଆର ଅସନ୍ତୁଳନ ଅନ୍ତର୍ଭୁକ୍ତ। ଆମ ଅନ୍ତନଳୀରେ ଲକ୍ଷ ଲକ୍ଷ ଜୀବାଣୁ ଅଛନ୍ତି, ଯାହା ପାଚନ କ୍ରିୟାକୁ ସୁଗମ କରିବାରେ ସାହାଯ୍ୟ କରନ୍ତି। କିନ୍ତୁ ଯେତେବେଳେ ଏହି ସନ୍ତୁଳନ ବିଗିଡ଼ିଯାଏ, ଯେପରିକି ଆଣ୍ଟିବାୟୋଟିକ୍ କିମ୍ବା ଜଙ୍କ ଫୁଡ୍ ଅତ୍ୟଧିକ ବ୍ୟବହାର



ପାଇଁ ଏହା ଶରୀରରେ ପ୍ରଦାହ ସୃଷ୍ଟି କରେ। ଏହି ପରିସ୍ଥିତିରେ, ମେଟାବୋଲିଜିମ୍ ପ୍ରଭାବିତ ହୁଏ ଏବଂ ଓଜନ ଧିରେ ଧିରେ ବଢ଼ିବାକୁ ଲାଗେ।

କୋଷ୍ଠକାଠିନ୍ୟ ମଧ୍ୟ ଏକ ସମସ୍ୟା ଯାହା ଓଜନ ବୃଦ୍ଧି କରିପାରେ। ଯେତେବେଳେ ଶରୀରରେ ମଳ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ, ବିଷାକ୍ତ ପଦାର୍ଥ ବାହାରକୁ ବାହାରି ପାରେ ନାହିଁ ଏବଂ ଶରୀର ସେଗୁଡ଼ିକୁ ଜମା କରିବାକୁ ଲାଗେ। ଏହା କେବଳ ପେଟ ଫୁଲିଯିବା ଅନୁଭବ କରେ ନାହିଁ, ବରଂ ଓଜନ ମଧ୍ୟ ବୃଦ୍ଧି କରେ। ଦୀର୍ଘ ସମୟ ପର୍ଯ୍ୟନ୍ତ କୋଷ୍ଠକାଠିନ୍ୟ ଜଣେ ବ୍ୟକ୍ତିଙ୍କ ଶକ୍ତି ହ୍ରାସ କରେ ଏବଂ ଶାରୀରିକ କାର୍ଯ୍ୟକଳାପ ମଧ୍ୟ ହ୍ରାସ କରେ, ଯାହା ଓଜନ ନିୟନ୍ତ୍ରଣ କରିବା କଷ୍ଟକର କରିଥାଏ।

ଏହା ବ୍ୟତୀତ କିଛି ଲୋକଙ୍କଠାରେ ପାଚନ ଏନଜାଇମର ଅଭାବ ଦେଖାଯାଏ। ଯେତେବେଳେ ଶରୀର ଖାଦ୍ୟ ଖାଏ କିନ୍ତୁ ଏହାକୁ ଠିକ୍ ଭାବରେ ହଜମ କରିପାରେ ନାହିଁ, ସେତେବେଳେ ପୁଷ୍ଟିକର ଅଭାବ ସହିତ, ଓଜନ ମଧ୍ୟ ବଢ଼ିବାକୁ ଲାଗେ। ଅଗ୍ନାଶୟ, ଗ୍ୟାଷ୍ଟ୍ରିଟ୍ କିମ୍ବା ଅନ୍ୟାନ୍ୟ ଆଭ୍ୟନ୍ତରୀଣ ସମସ୍ୟାରେ ତ୍ରୁଟି ଏନ୍‌ଜାଇମ ଉତ୍ପାଦନକୁ ପ୍ରଭାବିତ କରିପାରେ।

ଏହି ସମସ୍ତ ସମସ୍ୟାକୁ ଏଡ଼ାଇବା ପାଇଁ ଆପଣଙ୍କ ପାଚନ ତନ୍ତ୍ରର ଯତ୍ନ ନେବା ଗୁରୁତ୍ୱପୂର୍ଣ୍ଣ। ସନ୍ତୁଳିତ ଖାଦ୍ୟ, ପ୍ରୋବାୟୋଟିକ୍ ଖାଦ୍ୟ, ଫାଇବରଯୁକ୍ତ ଜିନିଷ ଏବଂ ପର୍ଯ୍ୟାପ୍ତ ପାଣି ସେବନ ଏଥିପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଯଦି ବାରମ୍ବାର ପେଟ ସମସ୍ୟା ହେଉଛି ଏବଂ ଓଜନ ଲଗାତର ବୃଦ୍ଧି ପାଉଛି, ତେବେ କେବଳ ଡାଏଟିଂ କିମ୍ବା ବ୍ୟାୟାମ ଯଥେଷ୍ଟ ନୁହେଁ। ଏପରି ପରିସ୍ଥିତିରେ ଡାକ୍ତରଙ୍କ ସହିତ ପରାମର୍ଶ କରି ପରୀକ୍ଷା କରି ଚିକିତ୍ସା ଆରମ୍ଭ କରିବା ସର୍ବୋତ୍ତମ ପଦକ୍ଷେପ ହେବ। ଯଦି ପେଟ ସୁସ୍ଥ ଥାଏ, ତେବେ ଓଜନ ସନ୍ତୁଳିତ ରହିବ ଏବଂ ଶରୀର ମଧ୍ୟ ଫିଟ୍ ରହିବ।

# ଶ୍ରବଣହୀନତା: କାରଣ ଓ ଲକ୍ଷଣ

କାନରେ ଯନ୍ତ୍ରଣା ଅନୁଭୂତ ହେବା, ବଧିରା ଲାଗିବା , ରିଂ ରିଂ ଶବ୍ଦ ହେବା, ଚାପ ଅନୁଭୂତ ହେବା, କିଛି ଭର୍ତ୍ତି ହେବା ଭଳି ଲାଗିବା ଆଦି ଶ୍ରବଣ ଶକ୍ତି ହ୍ରାସର ଲକ୍ଷଣ। କାନକୁ ଭଲ ଭାବେ ନ ଶୁଭିବା ଯୋଗୁ ସାମାଜିକ ସଂପର୍କରେ ବାଧା ଆସିଥାଏ। ପରିବାର ସଦସ୍ୟ ଓ ଅନ୍ୟମାନେ ବେଶି କଥା ହେବାକୁ ପସନ୍ଦ କରି ନଥାନ୍ତି। ଏହାଦ୍ୱାରା ରୋଗୀର ମନୋବଳ ଦୁର୍ବଳ ହୋଇପଡ଼େ। ନିଜକୁ ଏକୁଟିଆ ଅନୁଭବ କରେ। ବିଭାଗୀୟ ଡାକ୍ତରଙ୍କ ଠାରେ ଠିକ ସମୟରେ ଚିକିତ୍ସା ଦ୍ୱାରା ସମସ୍ୟା ଚାଲିଯାଏ। ଶ୍ରବଣହୀନତା ସାଧାରଣତଃ ତିନି ପ୍ରକାରର କଣ୍ଡକ୍ଟିଭ ହିୟରିଂ ଲସ୍, ସେନ୍ସରିନ୍ୟୁରାଲ ହିୟରିଂ ଲସ ଏବଂ ମିକ୍ସଡ଼୍



ହିୟରିଂ ଲସ୍। କର୍ଣ୍ଣ ନଳୀରେ କୌଣସି ସମସ୍ୟା ହେଲେ ଏହି ପ୍ରକାର ଶ୍ରବଣହୀନତା ସୃଷ୍ଟିହୁଏ। କାନ ସଂକ୍ରମଣ କିମ୍ବା ଟ୍ୟୁମର ମଧ୍ୟ ଏହି ରୋଗର କାରଣ। କାନରେ କୌଣସି ତରଳ ପଦାର୍ଥ ପଡ଼ିଯିବା, ତେଲ ପକାଇବା, ମଇଳା ଜମିବା ଦ୍ୱାରା ଏ ପ୍ରକାର ଶ୍ରବଣହୀନତା ସୃଷ୍ଟି ହୋଇଥାଏ। ଅନ୍ତକର୍ଣ୍ଣରେ ଥିବା କୋଷଗୁଡ଼ିକ ନଷ୍ଟ ହେବା ଦ୍ୱାରା ଜଣେ ସେନ୍ସରିନ୍ୟୁରାଲ ହିୟରିଂ ଲସ୍ ସମସ୍ୟାରେ ପଡ଼ିଥାଏ। ବୟସ ବଢ଼ିବା ସହିତ ସ୍ନାୟୁରେ ପରିବର୍ତ୍ତନ ଯୋଗୁଁ ଏହି ଧରଣର ଶ୍ରବଣ ଶକ୍ତି ହ୍ରାସ ସମସ୍ୟା ହୋଇପାରେ। ଏ ଦୁଇ ପ୍ରକାର କାରଣରୁ ମିକ୍ସଡ଼୍ ହିୟରିଂ ଲସ୍ ଜନିତ ଶ୍ରବଣ ସମସ୍ୟା ସୃଷ୍ଟିହୁଏ। ବାହ୍ୟକର୍ଣ୍ଣ, ମଧ୍ୟ କର୍ଣ୍ଣ, ଅନ୍ତକର୍ଣ୍ଣରେ ସମସ୍ୟା ଦେଖାଯାଏ।

# ଓଡ଼ିଶାର ୬,୭୯୪ଟି ଗ୍ରାମ ପଂଚାୟତରେ ପହଂଚିବ : ତିନି ମାସ ବ୍ୟାପୀ ଆର୍ଥିକ ଅର୍ନ୍ତଭୂକ୍ତିକରଣ ଅଭିଯାନ

ଭୁବନେଶ୍ୱର, ୨୨/୦୭ (ନି.ପ୍ର): ଭାରତ ସରକାରଙ୍କ ଆର୍ଥିକ ସେବା ବିଭାଗ ଦ୍ୱାରା ଦେଶବ୍ୟାପୀ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନ ମାଧ୍ୟମରେ ନାଗରିକଙ୍କୁ ସୁଲଭ ବ୍ୟାଙ୍କ ଏବଂ ଆର୍ଥିକ ସେବା ଯୋଗାଇ ଦିଆଯାଉଛି। ଜୁଲାଇ ପହିଲାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ସେପଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶାରେ ମଧ ଏହି ଅଭିଯାନ ଆରମ୍ଭ ହୋଇସାରିଛି ଏବଂ ଏହାକୁ ତିନି ମାସର ଅବଧି ମଧ୍ୟରେ ରାଜ୍ୟର ୬,୭୯୪ଟି ଗ୍ରାମ ପଂଚାୟତରେ ପହଂଚାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଆଜି ଭୁବନେଶ୍ୱରରେ ୟୁକୋ ବ୍ୟାଙ୍କ ନେତୃତ୍ୱରେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସଏଲବିସି) ଏବଂ ପିଆଇବି ଭୁବନେଶ୍ୱର ପକ୍ଷରୁ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ରାଜ୍ୟରେ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ଗଭୀର କରିବା ଏବଂ ପ୍ରମୁଖ ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକୁ ତୃଣମୂଳସ୍ତରରେ ପହଂଚାଇବାର ପ୍ରୟାସକୁ ଆହୁରି ବ୍ୟାପକ କରିବା ଲାଗି ଏସଏଲବିସି ନିଷ୍ପତ୍ତି ନେଇଛି । ଆଜିର ସାମ୍ବାଦିକ ସମ୍ମିଳନୀରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନର ଅଗ୍ରଗତି ଏବଂ ଭବିଷ୍ୟତର ରୂପରେଖ ସମ୍ପର୍କରେ ଆଲୋକପାତ କରାଯାଇଛି। ଦେଶବ୍ୟାପୀ ଚାଲିଥିବା ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନର ଲକ୍ଷ୍ୟ ହେଉଛି, ବିଶେଷକରି ଅନୁନ୍ନତ ଗ୍ରାମୀଣ ଏବଂ ଦୁର୍ଗମ ଅଂଚଳରେ, ଆନୁଷ୍ଠାନିକ ଆର୍ଥିକ ସେବାର ସମାନ ଉପଲବ୍ଧତା ସୁନିଶ୍ଚିତ କରିବା। ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ, ୟୁକୋ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ଏବଂ ଏସଏଲବିସି ଓଡ଼ିଶାର ସଂଯୋଜକ ଶ୍ରୀ ଗୌତମ ପାତ୍ର ଏହି ଅଭିଯାନର ଅଗ୍ରଗତି ଓ ଭବିଷ୍ୟତର ରୂପରେଖ ଉପରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି, ଅଭିଯାନର ସଫଳ କାର୍ଯ୍ୟକାରିତା ପାଇଁ ୨୧ ଜୁନ୍ ୨୦୨୫ରେ ରାଜ୍ୟସ୍ତରୀୟ ରଣନୀତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବ୍ୟାଙ୍କଗୁଡ଼ିକର ନିୟନ୍ତ୍ରଣ ମୁଖ୍ୟ, ଲିଡ୍ ଜିଲ୍ଲା ପରିଚାଳକ (ଏଲଡିଏମ୍), ନାବାର୍ଡ, ଆରବିଆଇର ପ୍ରତିନିଧି ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସମେତ ପ୍ରମୁଖ ଅଂଶୀଦାରମାନେ ଯୋଗ ଦେଇଥିଲେ। ଓଡ଼ିଶାରେ, ଏହି ଅଭିଯାନ ରାଜ୍ୟର ସବୁ ପଂଚାୟତରେ ପହଂଚିବ। ସମସ୍ତ ସରକାରୀ କ୍ଷେତ୍ର ବ୍ୟାଙ୍କ, ଘରୋଇ ବ୍ୟାଙ୍କ, ଆରଆରବି ସହିତ ସମନ୍ୱୟ ରଖି ଓଡ଼ିଶା ପାଇଁ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସଏଲବିସି), ସମସ୍ତ ୩୦ଟି ଲିଡ୍ ଜିଲ୍ଲା ପରିଚାଳକ ଏହି ଅଭିଯାନର କାର୍ଯ୍ୟକାରିତା ତଦାରଖ କରୁଛନ୍ତି। ଅଭିଯାନରେ ମୁଖ୍ୟତଃ ବ୍ୟାଙ୍କ ସେବାରୁ ବଂଚିତ ଲୋକଙ୍କର ପିଏମ ଜନଧନ ଆକାଉଂଟ ଖୋଲିବା ସହିତ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଜୀବନଜ୍ୟୋତି ବୀମା ଯୋଜନା, ଅଟଳ ପେନସନ ଯୋଜନାର ହିତାଧିକାରୀଙ୍କ ସଂଖ୍ୟା ବଢ଼ାଇବା ଉପରେ ଗୁରୁତ୍ୱାରୋପ କରାଯାଇଛି। ସେହିପରି ଅଚଳ ଜନଧନ ଆକାଉଂଟଗୁଡ଼ିକୁ ପୁନଃ ସଚଳ କରିବା ଉପରେ ଜୋର ଦିଆଯାଇଛି। ଏହାବ୍ୟତୀତ ଡିଜିଟାଲ ଠକେଇ ସମ୍ପର୍କରେ ସଚେତନତା ସୃଷ୍ଟି, ଦାବି ହୋଇନଥିବା ଜମାରାଶି ପ୍ରାପ୍ତ କରିବା ଏବଂ ଅଭିଯୋଗ ସମାଧାନର ସୁବିଧା ଯୋଗାଇ ଦିଆଯାଇଛି। ଆବଶ୍ୟକତା କ୍ଷେତ୍ରରେ ଜମା ଖାତାରେ ନାମାଙ୍କିତ ବ୍ୟକ୍ତିଙ୍କ ନାମର ସଂଶୋଧନ କରାଯାଇଛି। ରାଜ୍ୟରେ ଜୁଲାଇ ୨୧ ସୁଦ୍ଧା ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନରେ ୬୭୪୨ଟି ପିଏମ ଜନଧନ ଆକାଉଂଟ ଖୋଲାଯାଇଛି। ୮୭୭୯ ଜଣ ହିତାଧିକାରୀ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ ପଞ୍ଜୀକରଣ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ୧୪ ହଜାର ୪୫ ଜଣ, ଅଟଳ ପେନସନ ଯୋଜନାରେ ୨,୯୩୮ ଜଣ ପଞ୍ଜୀକରଣ କରିଥିବା ବେଳେ ୧୭ ହଜାରରୁ ଅଧିକ ହିତାଧିକାରୀଙ୍କୁ ଇ-କେୱାଇସି ଏବଂ ଅନ୍ୟାନ୍ୟ ବ୍ୟାଙ୍କ ସେବା ଯୋଗାଇ ଦିଆଯାଇଛି।

# ସଂସଦର ମୌସୁମୀ ଅଧିବେଶନର ପ୍ରଥମ ଦିନରେ ଗୃହ କାର୍ଯ୍ୟରେ ଯୋଗଦେଲେ ସାଂସଦ ଅନନ୍ତ ନାୟକ

କେନ୍ଦୁଝର, ୨୨/୦୭ (ନି.ପ୍ର): ସଂସଦର ମୌସୁମୀ ଅଧିବେଶନର ପ୍ରଥମ ଦିନରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳ ଯେଉଁଭଳି ଭାବେ ଲୋକସଭାରେ ହଟ୍ଟଗୋଳ କରି ଗୃହ କାର୍ଯ୍ୟକୁ ବାରମ୍ବାର ବନ୍ଦ କରାଇଲେ ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ବିଜେପିର କେନ୍ଦୁଝର ସାଂସଦ ଅନନ୍ତ ନାୟକ । ଶ୍ରୀ ନାୟକ ସୋମବାର ଦିନ ସଂସଦର ମୌସୁମୀ ଅଧିବେଶନର ପ୍ରଥମ ଦିନରେ ଗୃହ କାର୍ଯ୍ୟରେ ଯୋଗ ଦେଇଥିଲେ । ଶ୍ରୀ ନାୟକ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଜେପି ଓ ଏନଡିଏ ସରକାର ବାରମ୍ବାର ସ୍ପଷ୍ଟ କରି ସାରିଛନ୍ତି ଯେ, ବିରୋଧୀ ଦଳ ପକ୍ଷରୁ ଅପରେସନ ସିନ୍ଦୁର, ପହଲଗାମ ଆତଙ୍କବାଦୀ ଆକ୍ରମଣ କିମ୍ବା ଅନ୍ୟ ଯେକୌଣସି ପ୍ରସଙ୍ଗରେ ଚର୍ଚ୍ଚା ଆଲୋଚନା କରିବା ଓ ବିରୋଧୀଙ୍କ ପ୍ରଶ୍ନର ଉତର ଦେବାକୁ ପ୍ରସ୍ତୁତ ରହିଛନ୍ତି । ହେଲେ ସଂସଦ ସଂସଦୀୟ ବିଧିବ୍ୟବସ୍ଥା ଅନୁସାରେ ହିଁ ଚାଲିବ, ବିରୋଧୀ କଂଗ୍ରେସ ଓ ରାହୁଲ ଗାନ୍ଧୀଙ୍କ କଥା ଅନୁଯାୟୀ ଚାଲିବ ନାହିଁ । ତେଣୁ ବିରୋଧୀ କଂଗ୍ରେସ ଦଳ ଏହି କଥାକୁ ଭଲ ଭାବେ ବୁଝିବା ଉଚିତ ଯେ ସଂସଦର ବିଧି ବ୍ୟବସ୍ଥା ଅନୁସାରେ ଆଲୋଚନା ଓ ପ୍ରଶ୍ନର ଉତର ଦେବା ପାଇଁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛନ୍ତି । ତେଣୁ କଂଗ୍ରେସ ଲୋକ ମାନଙ୍କର ସହ ଜଡିତ ବିଷୟ ଗୁଡିକର ଆଲୋଚନା ପାଇଁ ଉଦ୍ଦିଷ୍ଟ ଗୃହର ମୂଲ୍ୟବାନ ସମୟକୁ ହଟ୍ଟଗୋଳ କରି ନଷ୍ଟ କରନ୍ତୁ ନାହିଁ । ସଂସଦର ବିଧିବ୍ୟବସ୍ଥା, ଆଇନ କାନୁନ ଅନୁସାରେ ଯେକୌଣସି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ଆଗକୁ ଆସୁ ବୋଲି ସେ କହିଛନ୍ତି ।

# ସ୍ନାତକ ପରୀକ୍ଷାଫଳ ପ୍ରକାଶନରେ ବିଳମ୍ବ

ଜୟପୁର, ୨୨/୦୭ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ କୋରାପୁଟ ଜିଲ୍ଲା ବିକ୍ରମଦେବ ବିଶ୍ୱବିଦ୍ୟାଳୟର +୩ ର ଛାତ୍ରଛାତ୍ରୀମାନଙ୍କୁ ନେଇ ବିଶ୍ୱବିଦ୍ୟାଳୟର କୁଳପତି ଦେବୀ ପ୍ରସାଦ ମିଶ୍ରଙ୍କ ସହିତ ଭେଟି ପରୀକ୍ଷାଫଳ ପ୍ରକାଶ ବିଳମ୍ବ ସମ୍ପର୍କରେ ଅବଗତ କରାଇଛନ୍ତି। ୨୦୨୩-୨୪ ଶିକ୍ଷାବର୍ଷ ଠାରୁ ସ୍ନାତକ ପରୀକ୍ଷାଫଳ ପ୍ରକାଶ ହୋଇନାହିଁ। ଯାହା ଏକ ଦୁଃଖ ଏବଂ ପରିତାପର ବିଷୟ ଅଟେ। ହଜାର ହଜାର ଶିକ୍ଷାର୍ଥୀ ପରୀକ୍ଷା ପରେ ପରୀକ୍ଷା ଦେଉଛନ୍ତି ସତ କିନ୍ତୁ ପରୀକ୍ଷାଫଳ ପ୍ରକାଶ ପାଇବାକୁ ଏତେ ଦିନ ବିତିଗଲାଣି। ତେଣୁ ଏ ସଂପର୍କରେ କୁଳପତି ଶ୍ରୀ ମିଶ୍ର ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି। ଏଥି ସହିତ କୁଳପତି ମିଶ୍ର ଏ ଦାବି ଶୁଣିବା ପରେ ତ୍ୱରିତ ଭାବରେ କହିଛନ୍ତି ଯେ, ୨୦୨୩-୨୪ ଶିକ୍ଷାବର୍ଷର ପ୍ରଥମ ସେମିଷ୍ଟର କଳା ବିଭାଗର ପରୀକ୍ଷାଫଳ ୭ ଦିନ ମଧ୍ୟରେ ପ୍ରକାଶ ପାଇବା ସହିତ ଦ୍ୱିତୀୟ ସେମିଷ୍ଟରର କଳା, ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗର ପରୀକ୍ଷାଫଳ ୨୦ ଦିନ ମଧ୍ୟରେ ପ୍ରକାଶ ପାଇବ ବୋଲି କୁଳପତି ପ୍ରତିଶ୍ରୁତି ଦେଇଛନ୍ତି। ଯଦି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଏହି ଦାବି ସମ୍ପୂର୍ଣ୍ଣ ସମାଧାନ ନ ହୁଏ ଏବିଭିପି ଆନ୍ଦୋଳନର ପନ୍ଥାକୁ ଆପଣେଇବ ବୋଲି ସୂଚେଇ ଦେଇଛି। ଛାତ୍ର ନେତା ମୋନଜ ସାହୁ, ଶିବାନନ୍ଦ ପାତ୍ର, ଶ୍ରାବଣୀ ପଟନାୟକ, ଅଜିତ ଦାସ, ଅଙ୍କିତା ମହାପାତ୍ର, ଶୁଭଶ୍ରୀ ମିଶ୍ର, ନିରୁ ମୁଦୁଲି, ଜ୍ୟୋତିରଞ୍ଜନ ପାଣିଗ୍ରାହୀ, ଘାସିରାମ ହିଆଲ ପ୍ରମୁଖ ଉପସ୍ଥିତ ଥିଲେ।

# ଜେପି ହସ୍ପିଟାଲ ପୀଡିତା ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ ପହଁଚିଲେ

ରାଉରକେଲା, ୨୨/୦୭ (ନି.ପ୍ର): ରାଉରକେଲା ଜେପି ଡାକ୍ତରଖାନାରେ ମାଲିକ ଚନ୍ଦନ ବଂଶଲ ସେହି ଡାକ୍ତରଖାନାରେ କାମ କରୁଥିବା ମହିଳାଙ୍କୁ ଶାରୀରିକ ସମ୍ପର୍କ ରଖିବାକୁ କହିବା ମାମଲାରେ ପୁଲିସ, ବିଧାୟକ ମିଡ଼ିଆ ଚୁପ ରହିବା ପରେ ସମାଜସେବି ମୁକ୍ତିକାନ୍ତ ବିଶ୍ୱାଳଙ୍କ ସହ ପୀଡିତା ମୁଖ୍ୟମନ୍ତ୍ରୀ ସରଣ ପଶିଛନ୍ତି। ଆଜି ସଚିବାଳୟରେ ପୀଡିତା ପହଂଚିବା ପରେ ତାଙ୍କୁ ଗୃହ ସଚିବଙ୍କ ପାଖକୁ ପଠାଗଲା। ଗୃହସଚିବ ସବୁ ଶୁଣିବା ପରେ ସେ ପଶ୍ଚିମାଂଚଳ ଡିଆଇଜିଙ୍କୁ ଫୋନ କରି ବିରକ୍ତି ଭାବ ପ୍ରକାଶ କରିବା ସହ କଣ ଆଉ ଜଣକୁ ମାରିବାକୁ ଚାହୁଁଛନ୍ତି କି ବୋଲି ପ୍ରଶ୍ନ କରିବା ସହ ସମସ୍ତ ରିପୋର୍ଟ ଦେବାକୁ କହିଥିଲେ, ପରେ ଏହି ଘଟଣାର ଭାର ଆଇଜି ସାଇନିଙ୍କୁ ଦିଆଯାଇଛି। ପରେ ସାଇନିଙ୍କ ସହ ପୀଡିତା କଥା ହୋଇଛନ୍ତି। ରାଜ୍ୟରେ ମହିଳାଙ୍କ ଉପରେ ଅତ୍ୟାଚାର ହେଉଛି କହି ବିଜେଡି ହାଲ୍ଲା କରୁଥିବା ବେଳେ ରାଉରକେଲା ବିଜେଡି ବିଧାୟକ ଏନେଇ ପୁରା ନିରବ।

# ଉପବିଭାଗୀୟ ଅଧିକାରୀମାନେ ନିଷ୍ଠା ଓ ଅନ୍ତରିକତାର ସହ ସରକାରୀ କାର୍ଯ୍ୟ ତୁଲାଇବା ଉଚିତ : ବାଚସ୍ପତି

ଭୁବନେଶ୍ୱର, ୨୨/୦୭ (ନି.ପ୍ର): ସରକାରୀ କର୍ମଚାରୀଙ୍କ କର୍ତ୍ତବ୍ୟନିଷ୍ଠା ତଥା ଜନସହଯୋଗ ଦ୍ୱାରା ରାଜ୍ୟ ଓ ଦେଶର ପ୍ରତ୍ୟେକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇପାରିବ ଓ ତା'ର ସୁବିଧା ଜନସାଧାରଣ ପାଇପାରିବେ । ଅଧିକାରୀମାନଙ୍କ କର୍ତ୍ତବ୍ୟ, ମହତ ଚିନ୍ତାଧାରା କାର୍ଯ୍ୟରେ ରୂପାନ୍ତରିତ ହୋଇପାରିଲେ ସମାଜର ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ । ତେଣୁ ପ୍ରତ୍ୟେକ ଅଧିକାରୀ ସରକାରଙ୍କ କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିବା ଦ୍ୱାରା ଆମ ରାଜ୍ୟର ଅଶେଷ ଉପକାର ସାଧିତ ହୋଇପାରିବ ବୋଲି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ପ୍ରକାଶ କରିଛନ୍ତି ।

ରାଜ୍ୟ ସଚିବାଳୟର ନବନିଯୁକ୍ତ ତାଲିମ ଗ୍ରହଣକାରୀ ଉପବିଭାଗୀୟ ଅଧିକାରୀମାନେ ବିଧାନସଭାର କାର୍ଯ୍ୟାବଳୀ ଓ କାର୍ଯ୍ୟଧାରା ସମ୍ପର୍କରେ ଜ୍ଞାନ ଆହରଣ କରିବା ପାଇଁ ଆସିଥିବା ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବାଚସ୍ପତି କହିଲେ ଯେ ବିଧାନସଭାର କାର୍ଯ୍ୟାବଳୀକୁ ସୁନିଶ୍ଚିତ ତଥା ଶୃଙ୍ଖଳିତ କରିବା ପାଇଁ ଓଡ଼ିଶା ବିଧାନସଭା କାର୍ଯ୍ୟବିଧି ଓ କାର୍ଯ୍ୟ ପରିଚାଳନା ନିୟମାବଳୀ ପ୍ରଣୀତ ହୋଇଛି । ଗଣତନ୍ତ୍ରର ମୂଳମନ୍ତ୍ର ହେଉଛି ଶାସନ ବ୍ୟବସ୍ଥାର ବିକେନ୍ଦ୍ରୀକରଣ । ଶାସକ ଓ ଶାସିତମାନଙ୍କ ମଧ୍ୟରେ ସୁନ୍ଦର ସମନ୍ୱୟ କ୍ଷେତ୍ରରେ ଅଧିକାରୀମାନଙ୍କର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଚାକିରି ଜୀବନରେ ଅନୁଭୂତି ଓ ଅଭିଜ୍ଞତା ଅର୍ଜନ କରିବା ପାଇଁ ସୁଯୋଗ ମିଳିଥାଏ । ଏହି ସୁଯୋଗର ସଦ୍‌ବ୍ୟବହାର କରି ଜନସାଧାରଣ ନିକଟରେ ଯୋଜନାର ସୁଫଳ ପହଂଚାଇବାରେ ସମସ୍ତେ ଦାୟିତ୍ୱବାନ୍ ହୋଇ କାର୍ଯ୍ୟ କରିବା ଦରକାର । ତା'ହେଲେ ଯାଇ ରାଜ୍ୟର ଉନ୍ନତି ଓ ପ୍ରଗତି ସମ୍ଭବ ହୋଇପାରିବ ବୋଲି ବାଚସ୍ପତି ଉଲ୍ଲେଖ କରିଥିଲେ । ଏହି ଅବସରରେ ବିଧାନସଭାର ସଚିବ ଶ୍ରୀ ସତ୍ୟବ୍ରତ ରାଉତ, ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ, ଯୁଗ୍ମ ସଚିବ ଶ୍ରୀ ସତୀଶ ମିଶ୍ର ଓ ବିଦ୍ୟାଧର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଫସଲ-ପାଣିପାଗ ପର୍ଯ୍ୟବେକ୍ଷଣ ଗୋଷ୍ଠୀ କମିଟିର ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୨୧ ଜୁଲାଇ (ହି.ସ.)ଆଜି କୃଷି ଭବନରେ ଫସଲ ପାଣିପାଗ ପର୍ଯ୍ୟବେକ୍ଷଣ ଗୋଷ୍ଠୀ କମିଟିର ସମୀକ୍ଷା ବୈଠକ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ପାଣିପାଗ ନିର୍ଦ୍ଦେଶକ ଡ଼ ମନୋରମା ମହାପାତ୍ର ମଧ ଯୋଗଦେଇଥିଲେ ।

ଚଳିତ ବର୍ଷ ଓଡ଼ିଶାରେ ମୌସୁମୀ ଜନିତ ବର୍ଷା ସ୍ୱାଭାବିକ ଠାରୁ ୧୬ ପ୍ରତିଶତ ଅଧିକ ହୋଇଛି । ଏହା ଖରିଫ ଫସଲ ପାଇଁ ବେଶ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଛି । ବିଶେଷ କରି କପା, ଧାନ, ଆଳୁଚାଷ ଭଳି ଅଧିକା ପାଣିର ଆବଶ୍ୟକ ଫସଲ ପାଇଁ ଏହା ସହାୟକ ହେବ । ରାଜ୍ୟ ସରକାରଙ୍କ କୃଷି ବିଭାଗ ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଚାଷୀଙ୍କୁ କୃଷି ସମ୍ବନ୍ଧୀୟ ସୂଚନା ନିୟମିତ ଭାବରେ ପ୍ରଦାନ କରିଆସୁଛି ।ଏତଦବ୍ୟତୀତ ଚାଷୀମାନେ କୃଷି ସମୃଦ୍ଧି ହେଲ୍ପଲାଇନକୁ ଫୋନ କରି ସମସ୍ୟାର ସମାଧାନ ପାଇପାରୁଛନ୍ତି। ବର୍ତ୍ତମାନ ଓଡ଼ିଆ ଏବଂ ସମ୍ବଲପୁରୀ ଭାଷାରେ ଏହି ସୂଚନା ଚାଷୀଙ୍କୁ ପ୍ରଦାନ କରାଯାଉଥିବାବେଳେ ଆଗାମୀ ଦିନରେ ବିଭିନ୍ନ ଆଂଚଳିକ ତଥା ଦେଶୀୟା ଭାଷାର ବ୍ୟବହାରକୁ ଗୁରୁତ୍ୱାରୋପ କରିଛନ୍ତି କୃଷି ସଚିବ ଡ଼ ପାଢ଼ୀ । ସେହିଭଳି, ପର୍ଯ୍ୟାପ୍ତ ପରିମାଣର ଉନ୍ନତମାନରବିହନ, ସାର ଇତ୍ୟାଦି ଯୋଗାଇଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସରକାରଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ ସୁବିଧା ଯେପରି ଚାଷୀଙ୍କ ପାଖରେ ପହଂଚିବ ଏବଂ ଚାଷୀମାନେ ଏଥିରୁ ପ୍ରକୃତରେ ଉପକୃତ ହେବେ ସେନେଇ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି କୃଷି ସଚିବ ଡ଼ ପାଢ଼ୀ ।

# ଟାଙ୍ଗୀ ବ୍ଲକ ନୂଆଗଡ ଗ୍ରାମପଂଚାୟତରେ ମିଳିତ ଅଭିଯୋଗ ଶୁଣାଣି ଶିବିର

ଖୋର୍ଦ୍ଧା, ୨୨/୦୭ (ନି.ପ୍ର): ଟାଙ୍ଗୀ ବ୍ଲକ ଅନ୍ତର୍ଗତ, ନୂଆଗଡ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ପୁଲିସ ପ୍ରଶାସନ ର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅତିରିକ୍ତ ଜିଲ୍ଲାପାଳ , ପ୍ରଶାସନ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି କ୍ଷ ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀନିବାସ ମହାନ୍ତି,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ , ଉପଜିଲ୍ଲାପାଳ, ଖୋର୍ଦ୍ଧା କିଶୋର କୁମାର ପଣ୍ଡା, ବି ଡି ଓ, ଟାଙ୍ଗୀ ରୋମାନା ଯାଫ୍ରି, ତହସିଲଦାର , ନିଷ୍ଠା ମହାପାତ୍ର, ଡେପୁଟି କଲେକ୍ଟର, ଜରୁରୀ, ଶ୍ରୀତପା ମିଶ୍ର, ସହକାରୀ ଜିଲ୍ଲାପାଳ, ଅଭିଯୋଗ, ଭୁବନେଶ୍ୱରୀ କଅଁର ଯୋଗଦେଇଥିଲେ । ଅଭିଯୋଗ ଶିବିରକୁ ମୋଟ ୧୩୨ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୧୧୯ ଗୋଟି ଅଭିଯୋଗ ବ୍ୟକ୍ତିଗତ ଏବଂ ୧୩ ଗୋଟି ଅଭିଯୋଗ ଗ୍ରାମୀଣ ସମସ୍ୟା ଜନିତ ଥିଲା କ୍ଷ ସମସ୍ତ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରାଯାଇ ୪୦ ଗୋଟି ଅଭିଯୋଗର ଅଭିଯୋଗ ସ୍ଥଳରେ ସମାଧାନ କରାଯାଇଥିବା ବେଳେ ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ ପାଇଁ ସଂପୃକ୍ତ ଅଧିକାରୀମାନେ ପଦକ୍ଷେପ ଗ୍ରହଣ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ନିର୍ଦ୍ଦେଶ ଦେଇଥିଲେ । ଜନଶୁଣାଣି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଅଧିକ୍ଷଣ ଯନ୍ତ୍ରୀ, ପୂର୍ତ୍ତ, ଖୋର୍ଦ୍ଧା, ଇଂ ଶିବ ଲାଲ ସାହୁ, ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ରଶ୍ମିତା ଦାସ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ,ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ସେନାପତି,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ, ଜିଲ୍ଲା ପଂଚାୟତ ଅଧିକାରୀ ଶ୍ୟାମଲେନ୍ଦୁ ନାୟକ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ଜିଲ୍ଲା ମଙ୍ଗଳ ଅଧିକାରୀ ଡ. ଗୀତାଂସୁ ଦାଶ ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ ଡିପାର୍ଟମେଣ୍ଟ ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀ ମାନେ ଯୋଗ ଦେଇଥିଲେ ।

# ତରୁଣ ପ୍ରଜ୍ଞା ଭାରତୀର ପ୍ରସ୍ତୁତି ବୈଠକ

ଜୟପୁର, ୨୨/୦୭ (ନି.ପ୍ର): ତରୁଣ ପ୍ରଜ୍ଞା ଭାରତୀ ଅନୁଷ୍ଠାନର ୩୭ତମ ବାର୍ଷିକ ଉତ୍ସବ ୨୦୨୫ ନିମନ୍ତେ ପ୍ରସ୍ତୁତି ବୈଠକ ଅମୂଲ୍ୟ ଆୟୁର୍ବେଦିକ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନୁଷ୍ଠାନର ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଚଳିତ ବର୍ଷର ବିବିଧ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ସହ ଅନୁଷ୍ଠାନର ନିଜସ୍ୱ ଏକ ସ୍ଥାୟୀ କାର୍ଯ୍ୟାଳୟ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପୂର୍ବକ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଛି। ପୂର୍ବବର୍ଷ ଭଳି ଏହି ବର୍ଷ ମଧ ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ଡ.ଗଙ୍ଗାଧର ନନ୍ଦଙ୍କ ଦ୍ୱାରା ପୂର୍ବ ନିର୍ଦ୍ଧାରିତ ସମସ୍ତ ପ୍ରତିଯୋଗିତା ଯଥା ସୂର୍ଯ୍ୟନମସ୍କାର, ଯୋଗାସନ, ଶଙ୍ଖବାଦନ, ହୁଳହୁଳି, ଗୀତା ଶ୍ଳୋକାବୃତି, ପ୍ରବନ୍ଧ ଲିଖନ, ସାଂସ୍କୃତିକ ପରୀକ୍ଷା, ଧୀର ଚକ୍ରିକା, ଝୋଟି, ଶିଶୁଗୀତ, ଚିତ୍ରାଙ୍କନ, ତର୍କ, ଦେଶାତ୍ମବୋଧକ ସଙ୍ଗୀତ, ଓଡିଶୀ, ଲୋକ ନୃତ୍ୟ ଇତ୍ୟାଦି ଅକ୍ଟୋବର ଓ ନଭେମ୍ବର ମାସରେ ଆୟୋଜନ କରାଯିବ। ଏଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଏବଂ ସାଧାରଣ ବର୍ଗର ପୁରୁଷ ଓ ମହିଳାମାନେ ଅଂଶଗ୍ରହଣ କରିପାରିବେ। ଆସନ୍ତା ଡିସେମ୍ବର ମାସରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ କରାଯିବ ଏବଂ କୃତି ଛାତ୍ରଛାତ୍ରୀ ଏବଂ ପୁରୁଷ ଓ ମହିଳାମାନଙ୍କୁ ପୁରସ୍କୃତ କରାଯିବ।

ଏହି ବୈଠକରେ ଅନୁଷ୍ଠାନର ସଭାପତି ତପନ କିରଣ ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ରାମ ଶଙ୍କର ଷଡଙ୍ଗୀ, ଅଜୟ କୁମାର ମଲ୍ଲିକ, ରବିନ୍ଦ୍ର ମହାରଣା, ସବିତା ତ୍ରିପାଠୀ, ତପସ୍ୱିନୀ ସାହୁ ଓ ଆଇନ ପରାମର୍ଶଦାତା ଜି. ମହେଶ ଉପସ୍ଥିତ ରହି ସର୍ବସମ୍ମତି କ୍ରମେ ଉପରୋକ୍ତ ନିଷ୍ପତିମାନ ଗ୍ରହଣ କରି ଆଜିର ବୈଠକକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ଆଇଆଇଟି ଭୁବନେଶ୍ୱର ଦ୍ୱାରା ଶିଳ୍ପ ବୃତ୍ତିଗତଙ୍କ ପାଇଁ ସିଷ୍ଟମ ଇଞ୍ଜିନିୟରିଂରେ ମିଶ୍ରିତ ମୋଡ୍ ଏମ୍.ଟେକ୍ କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର, ୨୨/୦୭ (ନି.ପ୍ର): ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ସିଷ୍ଟମ୍ ଇଞ୍ଜିନିୟରିଂରେ ଏହାର ଅଭିନବ ମିଶ୍ରିତ ମୋଡ୍ ଏମ.ଟେକ. ପାଠ୍ୟକ୍ରମ ଆରମ୍ଭ ବିଷୟରେ ଘୋଷଣା କରିଛି, ଯାହା ବିଶେଷ ଭାବରେ ଶିଳ୍ପରେ କାର୍ଯ୍ୟରତ ବୃତ୍ତିଗତଙ୍କ ପାଇଁ ଡିଜାଇନ୍ କରାଯାଇଛି। ଏହି ଏକ ପ୍ରକାରର ପଦକ୍ଷେପ ଶିକ୍ଷା ଏବଂ ଶିଳ୍ପ ମଧ୍ୟରେ ଥିବା ବ୍ୟବଧାନକୁ ପୂରଣ କରିବା ପାଇଁ ଲକ୍ଷ୍ୟ ରଖିଛି, ଯାହା ଦ୍ୱାରା ପ୍ଲାଂଟ କିମ୍ବା ଶିଳ୍ପ ସେଟିଂରେ ସର୍ବନିମ୍ନ ତିନି ବର୍ଷର ଅଭିଜ୍ଞତା ଥିବା ଇଞ୍ଜିନିୟରମାନଙ୍କୁ ଆଧୁନିକ ସିଷ୍ଟମ୍ ଇଞ୍ଜିନିୟରିଂରେ ସେମାନଙ୍କର ବିଶେଷଜ୍ଞତା ବୃଦ୍ଧି କରିବାକୁ ସକ୍ଷମ କରିବ।

ଏହି ଏମ.ଟେକ. ପାଠ୍ୟକ୍ରମ ସିଷ୍ଟମ୍ ଆଚରଣର ମଡେଲିଂ, ସିଷ୍ଟମ୍ କାର୍ଯ୍ୟଦକ୍ଷତା ପରୀକ୍ଷା, ସିଷ୍ଟମ୍ ଡିଜାଇନ୍ ଏବଂ ନିର୍ଭରଯୋଗ୍ୟ ଇଞ୍ଜିନିୟରିଂ, ଷ୍ଟାଟିଷ୍ଟିକାଲ ମେସିନ୍ ଲର୍ଣ୍ଣିଂ ଭଳି ସିଷ୍ଟମ୍ ଆଚରଣର ପୂର୍ବାନୁମାନ ପାଇଁ ଉପକରଣ ଏବଂ କୌଶଳ ଉପରେ ଏହାର ପାଠ୍ୟକ୍ରମ ମାଧ୍ୟମରେ ଇଞ୍ଜିନିୟରିଂ ସିଷ୍ଟମ୍‌ର ଆଚରଣକୁ ବୁଝିବା ପାଇଁ ଆବଶ୍ୟକ ଜ୍ଞାନ ନିର୍ମାଣ କରିବାରେ ସାହାଯ୍ୟ କରିବ। ସିଷ୍ଟମ୍ ଇଞ୍ଜିନିୟରିଂର ବୈଷୟିକ ପରିଚାଳନା ଦିଗଗୁଡ଼ିକୁ ସିଷ୍ଟମ୍ ଇଞ୍ଜିନିୟରିଂ ସହିତ ଜଡିତ ବିଭିନ୍ନ ଭୂମିକା ପାଇଁ ଇଞ୍ଜିନିୟରମାନଙ୍କୁ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକତା ପରିଚାଳନା ଉପରେ ଏକ ପାଠ୍ୟକ୍ରମ ମାଧ୍ୟମରେ ମଧ ଅନ୍ତର୍ଭୁକ୍ତ କରାଯିବ। ସିଷ୍ଟମ୍ ଇଞ୍ଜିନିୟରିଂ ଏମ.ଟେକ୍ ପ୍ରୋଗ୍ରାମ ପାଇଁ ପାଠ୍ୟକ୍ରମ ଆପ୍ଲାଏଡ୍ ମ୍ୟାଟେରିଆଲ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ସହିତ ସହଯୋଗରେ ବିକଶିତ କରାଯାଇଥିଲା, ଯାହା ସେମିକଣ୍ଡକ୍ଟର ଶିଳ୍ପ ପାଇଁ ସାମଗ୍ରୀ ଇଞ୍ଜିନିୟରିଂ ସମାଧାନରେ ବିଶ୍ୱସ୍ତରୀୟ ନେତା, ଆପ୍ଲାଏଡ୍ ମ୍ୟାଟେରିଆଲ୍ସ ଇଙ୍କର ଏକ ସହାୟକ କମ୍ପାନୀ। କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାଲକର ଗୁରୁତ୍ୱାରୋପ କରି କହିଛନ୍ତି, 'ଏପରି କାର୍ଯ୍ୟକ୍ରମ ଶିକ୍ଷାନୁଷ୍ଠାନ ଏବଂ ଶିଳ୍ପ ମଧ୍ୟରେ ଗଭୀର ସହଯୋଗକୁ ପ୍ରୋତ୍ସାହିତ କରେ। ବୃତ୍ତିଗତ ବିକାଶ ବ୍ୟତୀତ, ସେମାନେ ମିଳିତ ଗବେଷଣା ଏବଂ ବିକାଶ ପାଇଁ ରାସ୍ତା ଖୋଲିଦିଏ, ଯାହା ନବସୃଜନକୁ ନେଇଥାଏ ଯାହା ସମାଜକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ଲାଭ ଦେଇପାରେ ଏବଂ ଏକ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣରେ ଯୋଗଦାନ ଦେଇପାରେ।' ଏହା ସହିତ, ଆଇଆଇଟି ଭୁବନେଶ୍ୱରର ଡିନ୍ (ସ୍ନାତକୋତ୍ତର ଏବଂ ଗବେଷଣା କାର୍ଯ୍ୟକ୍ରମ) ପ୍ରଫେସର ଚନ୍ଦ୍ରଶେଖର ଭେଣ୍ଡେ ଉଲ୍ଲେଖ କରିଛନ୍ତି ଯେ ଏହି ବହୁବିଧ ପାଠ୍ୟକ୍ରମ ଶିଳ୍ପର ବିକଶିତ ଆବଶ୍ୟକତାଗୁଡ଼ିକୁ ପୂରଣ କରୁଥିବା ନମନୀୟ ଶିକ୍ଷା ପ୍ରଦାନ କରିବା ପ୍ରତି ଆମର ଉତ୍ସର୍ଗତାକୁ ପ୍ରଦର୍ଶନ କରେ। ଏହି କାର୍ଯ୍ୟକ୍ରମ ଶିକ୍ଷାର୍ଥୀମାନଙ୍କୁ ନବସୃଜନ ଚଳାଇବା ଏବଂ ସେମାନଙ୍କ ସଂଗଠନରେ ଜଟିଳ ଇଞ୍ଜିନିୟରିଂ ପ୍ରକଳ୍ପଗୁଡ଼ିକର ନେତୃତ୍ୱ ନେବା ପାଇଁ ଆବଶ୍ୟକୀୟ ଦକ୍ଷତା ସହିତ ସଶକ୍ତ କରିବା ପାଇଁ ଡିଜାଇନ୍ କରାଯାଇଛି।" କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇ, ଏହି କାର୍ଯ୍ୟକ୍ରମର ପରିକଳ୍ପନା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଆପ୍ଲାଏଡ୍ ମ୍ୟାଟେରିଆଲ୍ସ ଇଣ୍ଡିଆର ଇମେଜିଂ ଏବଂ ପ୍ରକ୍ରିୟା ନିୟନ୍ତ୍ରଣ ଗୋଷ୍ଠୀର ବରିଷ୍ଠ ନିର୍ଦ୍ଦେଶକ ଶ୍ରୀଯୁକ୍ତ ସୁଜିତ ଝା ଉନ୍ନତ, ବହୁ-ଡୋମେନ୍ ପ୍ରଯୁକ୍ତିବିଦ୍ୟା ବିକାଶରେ ସିଷ୍ଟମ୍ ଇଞ୍ଜିନିୟରିଂର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ସେମିକଣ୍ଡକ୍ଟର ଏବଂ ଆନୁଷଙ୍ଗିକ ଶିଳ୍ପରେ କ୍ୟାରିୟର ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତ କରୁଥିବା ଶିକ୍ଷାଗତ ସମୃଦ୍ଧି କାର୍ଯ୍ୟକ୍ରମ ପାଇଁ ଆପ୍ଲାଏଡ୍ ମ୍ୟାଟେରିଆଲ୍ସର ସମର୍ଥନ ଉପରେ ମଧ ଗୁରୁତ୍ୱାରୋପ କରିଥିଲେ। ଶ୍ରୀଯୁକ୍ତ ଝା କାର୍ଯ୍ୟକ୍ରମର ଶୁଭାରମ୍ଭ ଏବଂ ସଫଳତା ବିଷୟରେ ତାଙ୍କର ଉତ୍ସାହ ପ୍ରକାଶ କରିଥିଲେ।

# ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା : ସରିଲା ସେମିଫାଇନାଲ, ୨୨ ଜୁଲାଇରେ ଗ୍ରାଣ୍ଡ ଫାଇନାଲ

ଭୁବନେଶ୍ୱର, ୨୨/୦୭ (ନି.ପ୍ର): ବହୁ ପ୍ରତୀକ୍ଷିତ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାର ସେମି ଫାଇନାଲ ଜୁଲାଇ ୨୦ରେ ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ ଅଫ ହୋଟେଲମ୍ୟାନେଜମେଂଟ (ଆଇଏଚଏମ)ରେ ସଫଳ ଭାବେ ଅନୁଷ୍ଠିତ ହୋଇଯାଇଛି । ମିଶନଶକ୍ତି ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ପ୍ରତିଟି ଜିଲ୍ଲାରୁ ୩୦ଟି ଏସଏଚଜି ଦଳ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି କୌଶଳ ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। ହୋଟେଲ ମେ ଫେୟାରର ସେଫ ସୂରଜ କୁମାର ସାହୁ, ଆଇଏଚଏମର ବିଭାଗୀୟ ମୁଖ୍ୟ ସେଫ ସଂବିତ ସୁମନ ଏବଂ ଲାଇଫ ହୋଟେଲର ଶୈଳେଶ ଶେଖର ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ଯୋଗଦେଇ ଖାଦ୍ୟ ପ୍ରସ୍ତୁତି ପ୍ରକ୍ରିୟା, ସ୍ୱାଦ ଓ ପରିବେଷଣକୁ ଦୃଷ୍ଟିରେ ରଖି ୧୦ଟି ଏସଏଚଜି ଦଳକୁ ଚୟନ କରିଛନ୍ତି । କାର୍ଯ୍ୟକ୍ରମ ଶେଷରେ ସମସ୍ତ ସେମିଫାଇନାଲିଷ୍ଟଙ୍କୁ ସାର୍ଟିଫିକେଟ ଓ ସମ୍ମାନ ପତ୍ର ପ୍ରଦାନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ କଟକ, ମୟୁରଭଞ୍ଜ, ଢେଙ୍କାନାଳ, କୋରାପୁଟ, ନୂଆପଡ଼ା, ରାୟଗଡ଼ା, ମାଲକାନଗିରି, ବୌଦ୍ଧ, ନବରଙ୍ଗପୁର ଏବଂ ଜଗତସିଂହପୁର ଜିଲ୍ଲାରୁ ଆସିଥିବା ୧୦ଟି ଏସଏଚଜି ଦଳମାନେ ସେମିଫାଇନାଲରେ ଉତ୍କୃଷ୍ଟ ପ୍ରଦର୍ଶନ କରି ବିଜୟୀ ହୋଇଛନ୍ତି ଏବଂ ଜୁଲାଇ ୨୨ରେ ହେବାକୁ ଥିବା ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାର ଗ୍ରାଣ୍ଡ ଫାଇନାଲ ପାଇଁ ମନୋନୀତ ହୋଇଛନ୍ତି । ସୂଚନା ଯୋଗ୍ୟ ଯେ ବ୍ଲକ ଓ ଜିଲ୍ଲା ସ୍ତରରେ ଆୟୋଜିତ ହୋଇସାରିଥିବା ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା ଶେଷ ପର୍ଯ୍ୟାୟରେ ପହଂଚିଛି । ପ୍ରତ୍ୟେକ ଦଳରେ ଜଣେ ଜଣେ ମୁଖ୍ୟ ପାଚିକା, ସହାୟକ ପାଚିକା ଏବଂ ରୋଷେଇ ସହାୟିକା ମଧ ଅଂଶ ଗ୍ରହଣ କରିଥିଲେ । ଅଂଶଗ୍ରହଣକାରୀ ମାନେ ଜୁଲାଇ ୧୪ରୁ ୧୯ ପର୍ଯ୍ୟନ୍ତ ଏକ ସପ୍ତାହ ବ୍ୟାପୀ ମେ ଫେୟାରର ସେଫ ସୂରଜ କୁମାର ସାହୁ ଏବଂ ମାଷ୍ଟର ସେଫ ଇଣ୍ଡିଆ ସୀଜନ-୬ର ବିଜେତା ଅବିନାଶ ନାୟକଙ୍କ ଦ୍ୱାରା ଭୁବନେଶ୍ୱରସ୍ଥିତ ଆଇଏଚଏମରେ ପ୍ରଶିକ୍ଷଣ ନେଇଥିଲେ । ଓଡ଼ିଶା ସରକାରଙ୍କ ମିଶନଶକ୍ତି ବିଭାଗ ଓ ଓଡ଼ିଶା ଜୀବିକା ମିଶନ ଅଧୀନରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ।ରମ୍ପରିକ ବିସ୍ମୃତ ଖାଦ୍ୟ ପ୍ରସ୍ତୁତିର ପୁନରୁଦ୍ଧାର ଓ ଏସଏଚଜି ସଦସ୍ୟାମାନଙ୍କର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଉଦ୍‌ଯୋଗୀ ହେବା ସ୍ୱପ୍ନକୁ ପୂରଣ କରିବା ଦିଗରେ ଏକ ଅଭିନବ ପଦକ୍ଷେ ।

# ପ୍ରବଳ ଗରମ ଗୁଳୁଗୁଳିରେ ୧୨ଜଣ ଛାତ୍ରୀ ବେହୋସ ଡାକ୍ତରଖାନାରେ ଭର୍ତ୍ତି

ବସ୍ତା, ୨୨/୭ (ନି.ପ୍ର): ପ୍ରବଳ ଗରମ ଯୋଗୁଁ ବାଲେଶ୍ୱର ଶଦର କସିପଦା ପଂଚାୟତ ହାଇସ୍କୁଲ ରେ ଚେତା ହରାଇଲେ ବାର ଦଶମ ଶ୍ରେଣୀ ର ଛାତ୍ରୀ। ରୁପସା ମେଡିକାଲ ରେ ଭର୍ତ୍ତି ।ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା ରୁପସା ସ୍ଥିତ କସିପଦା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରେ ପ୍ରତ୍ୟେକ ଦିନ ଭଳି ଆଜି ଦିନ ଦଶଟା ସମୟରେ ପିଲାମାନଙ୍କ ର ପାଠ ପଢା ଆରମ୍ଭ ହୋଇଥିଲା। ଛାତ ଉପରେ ଥିବା ରୁମ ରେ ଦଶମ ଶ୍ରେଣୀ ର ପିଲାମାନେ ପାଠ ପଢୁଥିଲେ। ଦିଦି ମଧ ପାଠ ପଢାଇବାକୁ ଯାଇଥିଲେ। ହେଲେ ପିଲାମାନେ ପ୍ରବଳ ଗରମ ଯୋଗୁଁ ପାଟିତୁଣ୍ଡ କରିବାରୁ, ପିଲାମାନଙ୍କୁ ତଳେ ଥିବା କମନ ରୁମ କୁ ଆଣିଥିଲେ ଦିଦି। ତେବେ କମନ ରୁମ କୁ ଆସିବା ପରେ ଜଣେ ପରେ ଜଣେ ଛାତ୍ରୀ ଙ୍କ ଛାତି ପେଟ ରେ



ଯନ୍ତଣା ଆରମ୍ଭ ହୋଇଥିଲା। ବାର ଜଣ ଛାତ୍ରୀ ବେହୋସ ମଧ ହୋଇଯାଇଥିଲେ, ଏଭଳି ଘଟଣା ଦେଖି ପ୍ରଧାନ ଶିକ୍ଷୟିତ୍ରୀ ତୁରନ୍ତ ଅବିଭାବକ ମାନଙ୍କୁ ଖବର ଦେଇ ରୁପସା ମେଡିକାଲ କୁ ଛାତ୍ରୀ ମାନଙ୍କୁ ଆଣିଥିଲେ। ମେଡିକାଲ ରେ ଦୁଇଜଣ ଛାତ୍ରୀ ଗୁରୁତର ହେବାରୁ ବାଲେଶ୍ୱର ମେଡିକାଲକୁ ପଠାଯାଇଥିବା ବେଳେ ଅନ୍ୟ ମାନେ ରୁପସା ମେଡିକାଲ ରେ ଚିକିତ୍ସିତ ହେଉଛନ୍ତି। ସେହିପରି ରୁପସା ଯୋଗେନ୍ଦ୍ର ରିଯୋନାଲ କଲେଜ ରେ ମଧ ଜଣେ ଛାତ୍ରୀ ଗୁରୁତର ହେବାରୁ ରୂପସା ମେଡିକାଲ ରେ ଚିକିତ୍ସିତ ହେବା ଜଣାଯାଇଛି।ତେବେ ସାଧାରଣ ରେ ଚର୍ଚ୍ଚା ହେଉ ଥିବା ବେଳେ ଡାକ୍ତର ଡିହାଇଡ୍ରେସନ ପାଇଁ ହୋଇଥାଇପାରେ ବୋଲି କହିଛନ୍ତି।

# ଜିଲ୍ଲାପାଳଙ୍କ ଧନକଉଡ଼ା ବ୍ଲକ୍ ପରିଦର୍ଶନ

ସମ୍ବଲପୁର, ୨୨/୭ (ନି.ପ୍ର): ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମଙ୍ଗଳବାର ଧନକଉଡା ବ୍ଲକ ଗସ୍ତରେ ଯାଇ କାଳାମାଟି ଗ୍ରାମ ର ଡ୍ରାଗନ ଫଳ ଚାଷ, ଗୋଡଭଗା +୩ କଲେଜ, ବସନ୍ତପୁର ଗ୍ରାମ ପଂଚାୟତ ର ସାହଜବାହାଲ ଗ୍ରାମ ର ଟେରାକୋଟା କଳାକୃତି ଘର ପରିଦର୍ଶନ କରିବା ସହିତ ଆୟୁଷ ଆରୋଗ୍ୟ କେନ୍ଦ୍ର, ଆଦି ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ଡ୍ରାଗନ ଫଳ ଚାଷକୁ ପ୍ରୋତ୍ସାହିତ କରିବାକୁ କ୍ଲଷ୍ଟର ଆଧାରିତ ପ୍ରଣାଳୀ ଗଠନ ଏବଂ କୃଷି ପର୍ଯ୍ୟଟନ ଉନ୍ନତି ପାଇଁ ପରାମର୍ଶ ଦେଇଛନ୍ତି। ଜିଲ୍ଲାପାଳ ଓଡ଼ିଶା ଜୀବିକା ମିସନ୍ ଏବଂ ଓଡ଼ିଶା ରୁରାଲ୍ ଡିଭେଲପମେଂଟ ଏଣ୍ଡ ମାର୍କେଟିଂ ସୋସାଇଟି (ଓରମାସ) ଙ୍କୁ ଏହି ଉଦ୍ୟମରେ ସଂଯୁକ୍ତ ଭାବେ କାର୍ଯ୍ୟ କରିପାରିବେ ବୋଲି କହିଥିଲେ। ଗୋଡଭଗା +୩ କଲେଜ ର ବିକାଶ ମୂଳକ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ଟେରାକୋଟା କଳାକୃତି ଘର ପରିଦର୍ଶନ କରି ସ୍ଥାନୀୟ କାରିଗର ମାନଙ୍କର ଉନ୍ନତ ପ୍ରଶିକ୍ଷଣ ସୁବିଧା ପାଇଁ ପ୍ରସ୍ତାବ ଦେଇଛନ୍ତି ଏବଂ ଗ୍ରାମରେ ସମସ୍ତ ସୁବିଧା ଯୋଗାଇଦେବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ସେ ଏହା ସହିତ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଗ୍ରାମରେ ମୌଳିକ ସୁବିଧା ଯୋଗାଇଦେବା, ବିଶେଷକରି ସୁଦୃଢ଼ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଏଫଏମ ଛାତ୍ରୀ ମୃତ୍ୟୁ ...

ଗଣମାଧ୍ୟମକୁ କହିଛନ୍ତି, ସେଦିନ ଘରକୁ ଯିବାକୁ ପ୍ରସ୍ତୁତ ହେଉଥିବାବେଳେ ହଠାତ୍ ଶବ୍ଦ ଶୁଣି ଧାଇଁ ଆସିଥିଲେ, ପୀଡ଼ିତା ଜଳୁଥିବା ଦେଖି ନିଜ ସାର୍ଟ ଚିରି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ । ହେଲେ ପୂର୍ବ ଘଣ୍ଟାକରେ କଣ ଘଟିଥିଲା ସେ ଜାଣନ୍ତିନି । ଏଠି ପ୍ରଶ୍ନ- ପ୍ରିନସିପାଲଙ୍କୁ ସାକ୍ଷାତ ସମୟରେ ତାହାଲେ କଣ ଏମିତି ଘଟିଲା ? ଯାହା ତାଙ୍କ ଧୈର୍ଯ୍ୟବନ୍ଧ ଭାଙ୍ଗିଦେଲା। ଘଟଣାଦିନ ଅଧକ୍ଷ ରଖିଥିବା ପ୍ରତିକ୍ରିୟାକୁ ଯଦି ତର୍ଜମା କରାଯାଏ, ତାହାଲେ ସେ ମାନିଥିଲେ ପୀଡ଼ିତା ତାଙ୍କ ଚାମ୍ବରକୁ ଆସିଥିଲେ ଓ ସମୀର ସାର୍‌ଙ୍କୁ ଖୋଜିଥିଲେ । ସେତେବେଳେ ସେ କହିଥିଲେ- ଆଇସିସି ରିପୋର୍ଟରେ ସେକ୍ସୁଆଲ୍ ହାରାସମେଣ୍ଟ ସମ୍ପର୍କରେ କୌଣସି ତଥ୍ୟ ନାହିଁ । ତେଣୁ ଏଭଳି ମିଥ୍ୟା ଅଭିଯୋଗ କଲେଜକୁ ବଦନାମ କରିବ । ହୁଏତ ସେଇ କଥା ପୀଡ଼ିତାଙ୍କୁ ଖୁବ୍ ବାଧିଥିବ। ହେଲେ ପ୍ରିନସିପାଲ ଯେ କେବଳ ଏତିକି କହିଥିଲେ ତା ନୁହେଁ, ତାଠୁ ଆହୁରି କଡ଼ା ବାକ୍ୟ କହିଥିବା ଅଭିଯୋଗ ଆଣିଥିଲେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ। ଜୁଲାଇ ୨ରୁ ୧୧ ଯାଏଁ, ସବୁ ସ୍ୱାଭାବିକ ଥିଲା। ହେଲେ ୧୨ ତାରିଖରେ ହଠାତ୍ କଣ ଘଟିଲା ? ଯାହା ସାରା ରାଜ୍ୟକୁ ଦୋହଲାଇ ଦେଲା। ଯେହେତୁ ସେଇ ମଝିରେ ପୀଡ଼ିତାଙ୍କୁ ପରୀକ୍ଷାରେ ବସିବାକୁ ଏଚଓଡି ଅନୁମତି ଦେଇନଥିଲେ- ସେ କ୍ଷୋଭ ? ନା ୧ ତାରିଖରେ ସମୀର ସାରଙ୍କ ବିରୋଧରେ ସେ ଆଣିଥିବା ଅଭିଯୋଗକୁ ମିଥ୍ୟା ଦର୍ଶାଇ ୭୧ ଛାତ୍ରଛାତ୍ରୀ ପ୍ରିନସିପାଲଙ୍କୁ ତଦନ୍ତ ପାଇଁ ଆପ୍ଲିକେସନ ଦେବା ଘଟଣା ତାଙ୍କ ଧୈର୍ଯ୍ୟବନ୍ଧ ଭାଙ୍ଗିଦେଲା ।

### ୨୪ ତାରିଖରେ ...

ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ପୂର୍ବରୁ ମଧ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା । ଗତ ୨୦ ତାରିଖରେ ରାଜ୍ୟରେ ଆହୁରି ୫ ଦିନ ଯାଏଁ ବର୍ଷା ସମ୍ଭାବନା ଥିବା ନେଇ କୁହାଯାଇଥିଲା । ବିଶେଷ କରି ରାଜ୍ୟର ୨୧ ଜିଲ୍ଲାକୁ ପାଣିପାଗ ବିଭାଗର ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିଲା । ଉପକୂଳବର୍ତ୍ତି ୯ ଜିଲ୍ଲାକୁ ଛାଡିଦେଲେ ବାକି ସବୁ ଜିଲ୍ଲାକୁ ବର୍ଷା ୱାର୍ଣ୍ଣିଂ ଦିଆଯାଇଥିଲା । ବିଶେଷ କରି ଉତ୍ତର ଏବଂ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ମୟୂରଭଂଜ, କେନ୍ଦୁଝର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଂଜାମ, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ପାଇଁ ୱାର୍ଣ୍ଣିଂ ଦିଆଯାଇଥିଲା । ଏଥିସହ ୩୦ରୁ ୪୦ କିମି ବେଗରେ ପବନ ବି ବହିପାରେ କୁହାଯାଇଥିଲା ।

### କିଏ ହେବେ ଆଗାମୀ...

ସେହିପରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ ଦେଶର ଆଗାମୀ ଉପ-ରାଷ୍ଟ୍ରପତି ହୋଇପାରନ୍ତି ବୋଲି ଗୋଟିଏ ପକ୍ଷ ଦାବି କରୁଛନ୍ତି । କାହିଁକି ନା, ୨୦୨୨ରେ ଯେତେବେଳେ ଉପ-ରାଷ୍ଟ୍ରପତି ନିର୍ବାଚନ ହେଲା, ସେତେବେଳେ ଭେଙ୍କୟା ନାଇଡୁଙ୍କ ପରେ ରାଜନାଥ ସିଂହ ଉପ-ରାଷ୍ଟ୍ରପତି ହେବେ ବୋଲି ଅନେକ ଚର୍ଚ୍ଚା ହେଇଥିଲା । ହେଲେ ସେତେବେଳେ କିନ୍ତୁ ଜଗଦୀପ ଧନଖଡ଼ ବାଜି ମାରିନେଇଥିଲେ । ଆଉ ଏବେ ଯେତେବେଳେ ପୁଣିଥରେ ସେହିଭଳି ସ୍ଥିତି ଉତ୍ପନ୍ନ ହୋଇଛି । ସେତେବେଳେ ରାଜନାଥ ସିଂହ ହିଁ ଉପ-ରାଷ୍ଟ୍ରପତି ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । ତେବେ ଏହି ଦୁଇ ନେତାଙ୍କ ଭିତରେ ବର୍ତ୍ତମାନ ରାଜ୍ୟସଭାର ଉପାଧ୍ୟକ୍ଷ ଥିବା ଜେଡିୟୁ ଏମପି ହରିବଂଶ ନାରାୟଣ ସିଂହ ମଧ ଉପ-ରାଷ୍ଟ୍ରପତି ରେସରେ ଆଗରେ ଅଛନ୍ତି । ଯେହେତୁ ଆଗକୁ ବିହାରରେ ବିଧାନସଭା ନିର୍ବାଚନ ଅଛି, ତେଣୁ ହରିବଂଶ ନାରାୟଣ ସିଂହଙ୍କୁ ଉପ-ରାଷ୍ଟ୍ରପତି କରି ବଡ଼ ଗେମ୍ ଖେଳିବାକୁ ଲକ୍ଷ୍ୟ ରଖିଛି ବିଜେପି । ଯଦି ନୀତିଶ କୁମାର ଉପ-ରାଷ୍ଟ୍ରପତି ନ ହୁଅନ୍ତି, ତେବେ ତାଙ୍କ ପରେ ବିହାରରୁ ହରିବଂଶ ନାରାୟଣ ସିଂହ ହିଁ ଉପ-ରାଷ୍ଟ୍ରପତି ହୋଇପାରନ୍ତି ବୋଲି ପାୱାର୍ କରିଡରରେ ଚର୍ଚ୍ଚା ହେଉଛି । ଆପଣଙ୍କୁ ସବୁଠୁ ଆଶ୍ଚର୍ଯ୍ୟ କରିବ, ଉପ-ରାଷ୍ଟ୍ରପତି ରେସରେ ଥିବା ଚତୁର୍ଥ ଚେହେରା । ସେ ହେଉଛନ୍ତି କଂଗ୍ରେସ ଏମପି ଶଶୀ ଥରୁର । କିଛି ରାଜନୈତିକ ବିଶେଷଜ୍ଞଙ୍କ କହିବା କଥା ହେଲା, ଉପ-ରାଷ୍ଟ୍ରପତି ରେସରେ ସମସ୍ତଙ୍କ ଅଗୋଚରରେ ଶଶୀ ଥରୁର ମଧ ଅଛନ୍ତି । ଗଲା କିଛି ଦିନ ହେଲା, ଶଶୀ ଥରୁର ଏବଂ କଂଗ୍ରେସ ଭିତରେ ତୁ ତୁ ମେଁ ମେଁ ଚାଲିଛି । ଆଉ ଏହାରି ଭିତରେ ସେ ଲଗାତାର ବିଜେପି ନେତାଙ୍କ ସମ୍ପର୍କରେ ମଧ ଅଛନ୍ତି । ତେଣୁ କିଛି ଲୋକଙ୍କ କହିବା କଥା ହେଲା, ଶଶୀ ଥରୁର ମଧ ଉପ-ରାଷ୍ଟ୍ରପତି ହେବା ରେସରେ ଅଛନ୍ତି । ଗତକାଲି ହଠାତ୍ ଉପ-ରାଷ୍ଟ୍ରପତି ଜଗଦୀପ ଧନଖଡ଼ ନିଜ ପଦରୁ ଇସ୍ତଫା ଦେଇଥିଲେ । ରାଷ୍ଟ୍ରପତିଙ୍କ ପାଖକୁ ପତ୍ର ଲେଖି ସେ ନିଜର ଇସ୍ତଫା ସମ୍ପର୍କରେ ଜଣାଇବା ସହିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ତେବେ ସଂସଦର ମୌସୁମୀ ଅଧିବେଶନ ପ୍ରଥମ ଦିନରେ ଭଲ ଭାବେ କାର୍ଯ୍ୟ କରିଥିଲେ ବି, ରାତିରେ କାହିଁକି ସେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଇସ୍ତଫା ଦେଲେ ତାକୁ ନେଇ ଏବେ ଚର୍ଚ୍ଚା ବଢ଼ିଛି । ଖାସ୍ କରି ବିରୋଧୀମାନେ ଏହାକୁ ସାମାନ୍ୟ ବୋଲି ଗ୍ରହଣ କରିବାକୁ ଅରାଜି ।

### ତଳକୋର୍ଟର ରାୟକୁ ...

ଉଭୟଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଥିଲେ । ୪୨ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ଦେଇଥିଲେ ରାୟ । ତେବେ ଏହା ବିରୋଧରେ ଅଭିଯୁକ୍ତମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ ପ୍ରମାଣ କରିବାରେ ବିଫଳ ହେବାରୁ ହାଇକୋର୍ଟ, ଫାଶୀଦଣ୍ଡକୁ ରଦ୍ଦ କରିଛନ୍ତି । ସେପଟେ ହାଇକୋର୍ଟଙ୍କ ରାୟକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ମୃତ ବିରଞ୍ଚିଙ୍କ ପରିବାର । ସେମାନେ ହାଇକୋର୍ଟରୁ କିଛି ନୋଟିସ୍ ପାଇନଥିବା କହିଛନ୍ତି । ହାଇକୋର୍ଟ ଅଭିଯୁକ୍ତ ମାନଙ୍କୁ ଦୋଷମୁକ୍ତ କରିବା ପରେ ଏବେ ସେମାନେ ଭୟଭୀତ ହୋଇପଡ଼ିଛନ୍ତି ଆଉ ନ୍ୟାୟ ପାଇଁ ସରକାରଙ୍କୁ କରିଛନ୍ତି ଗୁହାରି । ଜାଣିରଖିବା ଉଚିତ ଯେ, ୨୦୧୭ ଅକ୍ଟୋବର ୯ ତାରିଖ ବିଳମ୍ବିତ ରାତିରେ ଆଠମଲ୍ଲିକ ଗମ୍ଭାରିମଳିଆ ଗାଁର ବିରଞ୍ଚି ନାୟକ, ପତ୍ନୀ ତାରିଣୀ ନାୟକ ଓ ତାଙ୍କ ୭ ବର୍ଷୀୟ ପୁଅକୁ ଦୁର୍ବୃତ୍ତମାନେ ହତ୍ୟା କରିଥିଲେ । ହତ୍ୟାକାଣ୍ଡର ଦୁଇ ଅଭିଯୁକ୍ତ ପ୍ରକାଶ ବେହେରା ଓ ନନ୍ଦକିଶୋର ସେଠୀ ୭ ବର୍ଷ ଜେଲ୍‌ରେ ସଜା କାଟିସାରିଛନ୍ତି । ଏବେ ହାଇକୋର୍ଟଙ୍କ ରାୟ ପରେ ମୃତ୍ୟୁଦଣ୍ଡ ଆଦେଶରୁ ହୋଇଛନ୍ତି ଦୋଷମୁକ୍ତ ।

### ଷଷ୍ଠ ଦିନରେ କ୍ରାଇମ୍‌ବ୍ରାଞ୍ଚର...

ସିସିଟିଭି ବି ଯାଞ୍ଚ ହୋଇଛି। ତେବେ ଘଟଣା ଦିନ କ'ଣ କେମିତି ଘଟିଲା ସେନେଇ ମାପକରି ଦୂରତା ମାପିଛନ୍ତି କ୍ରାଇମବ୍ରାଞ୍ଚ ଟିମ୍ । ଘଟଣା ପରେ କେଉଁପଟେ ଛାତ୍ରୀ ଯାଇଥିଲେ ଓ ଆମ୍ବୁଲାନ୍ସ କେଉଁପଟେ ଯାଇଥିଲା ତାର ବି ତନ୍ନ ତନ୍ନ ଯାଞ୍ଚ ହୋଇଛି । ତଦନ୍ତ ଚାଲିଛି ବୋଲି କହିଛନ୍ତି ତଦନ୍ତ ଅଧିକାରୀ । ଫକୀରମୋହନ ଛାତ୍ରୀ ଆତ୍ମାହୁତି ଘଟଣାକୁ ୧୧ ଦିନ ବିତିଲାଣି । କ୍ଲାସ୍ ଆରମ୍ଭ ହେଲାଣି । ନାମଲେଖା ବି ଚାଲିଛି, କିନ୍ତୁ କଲେଜରେ ହୋଇଥିବା ଘଟଣାକୁ ନେଇ ଏବେ ବି ଭୟରେ ଛାତ୍ରୀ । ଛାତ୍ରୀ ହଷ୍ଟେଲରେ ଅଧା ବେଡ୍ ଫାଙ୍କା ପଡ଼ିଛି । ପିଲା ଘରକୁ ଯାଇଛନ୍ତି ଫେରିନାହାନ୍ତି । ଯେଉଁମାନେ ଆସିଛନ୍ତି ଟିକିଏ ଭୟ ଲାଗୁଥିଲା କହୁଛନ୍ତି । କିଛି ସମସ୍ୟା ଅନୁଭବ କଲେ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ ଜଣାଇବାକୁ କୁହାଯାଇଛି । ଏପଟେ ବାଲେଶ୍ୱର ଘଟଣାକୁ ନେଇ ରାଜନୀତି ଜୋର ଧରିଛି । ଏହାରି ମଧରେ ସମସ୍ତେ ଚାହିଁ ବସିଛନ୍ତି କ୍ରାଇମବ୍ରାଞ୍ଚ କେବେ ତଦନ୍ତ ସାରିବ ଓ ନିଷ୍କର୍ଷ କେବେ ବାହାରିବ ।

### କଡା ଆକ୍ସନରେ ମୁଖ୍ୟମନ୍ତ୍ରୀ ...

ସମୟରେ କହି ଆସିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ କଡା ଆଭିମୁଖ୍ୟ ଗ୍ରହଣ କରାଯାଇ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଉଚ୍ଚ ପଦସ୍ଥ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଦୁର୍ନୀତି ଅଭିଯୋଗରେ ଚଢଉ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ।

### ହରିୟାଣାର ଫରିଦାବାଦରେ...

ଭୂକମ୍ପ ଅନୁଭୂତ ହେବା ମାତ୍ରେ ଲୋକେ ଭୟରୁ ଘରୁ ବାହାରକୁ ଚାଲିଆସିଥିଲେ । ଏଠାରେ ସୂଚନାଯୋଗ୍ୟହରିୟାଣାର ରୋହତକ ଜିଲ୍ଲାରେ ଜୁଲାଇ ୧୬ ତାରିଖ ରାତି ୧୨.୪୬ ମିନିଟ ସମୟରେ ୩.୩ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା ।

# ଧରଣୀଧର ବିଶ୍ୱବିଦ୍ୟାଳୟରେ ସଚେତନତା କର୍ମଶାଳା

କେନ୍ଦୁଝର, ୨୨/୭ (ନି.ପ୍ର): ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ ସଭାପତିତ୍ୱ କରିଥିଲେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ପ୍ରତାପ କୁମାର ମହାନ୍ତି। ସାମ୍ପ୍ରତିକ ସମୟରେ ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର ତଥା ଶୋଷଣକୁ ଆଖିଆଗରେ ରଖି ରାଜ୍ୟ ସରକାର ସମସ୍ତ ଶିକ୍ଷାନୁଷ୍ଠାନଗୁଡିକୁ ଏଥିଲାଗି ଏକ ସଚେତନତା କର୍ମଶାଳା ଆୟୋଜନ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ବିଶ୍ୱବିଦ୍ୟାଳୟରେ ଆଜି "କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନଶୋଷଣ ନିଷେଧ ଆଇନ – ୨୦୧୩" ବିଷୟ ପ୍ରସଙ୍ଗରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। କୁଳପତି ମହାନ୍ତି ତାଙ୍କ ଅଭିଭାଷଣରେ ନାରୀ ଆଜି କିପରି ଅସୁରକ୍ଷିତ ଏବଂ ତାଙ୍କ ଉପରେ ହେଉଥିବା ଅତ୍ୟାଚାର କେତେ ନିନ୍ଦନୀୟ ତତ୍ ସଂପର୍କରେ ଆଲୋଚନା କରି ଭବିଷ୍ୟତରେ କେବେ ଏପରି କଳଙ୍କିତ ଅଧ୍ୟାୟ ସୃଷ୍ଟି ନହେଉ ତତ୍ ସଂପର୍କରେ ମନ୍ତବ୍ୟ ରଖିଥିଲେ । ଏଥିସହ ସେ କହିଥିଲେ ଯେ, ଆମକୁ ମାନସିକ ସ୍ତରରେ ପ୍ରଥମେ ସ୍ଥିର ରହିବାକୁ ପଡ଼ିବ । ବଡ ବଡ ବିପଦରୁ କିପରି ଆମେ ବାହାରି ପାରିବା ସେ ସମ୍ପର୍କରେ ମଧ ଆଲୋଚନା ରଖିଥିଲେ। ସମାଜ ସେବକ ଭକ୍ତ ବତ୍ସଳ ମହାନ୍ତି ତାଙ୍କ ଅଭିଭାଷଣରେ କହିଥିଲେ ଯେ ସାମ୍ବିଧାନିକ ବିଧି ବ୍ୟବସ୍ଥାରେ କେତେକ ବ୍ୟକ୍ତିଙ୍କୁ ଦୁର୍ବଳ ବୋଲି କୁହାଯାଇଛି ସେଥିମଧରେ ନାରୀ ଅନ୍ୟତମ ତେଣୁ ତାଙ୍କ ପ୍ରତି ଆମର ଯଥେଷ୍ଟ ସମ୍ମାନ ରହିବା ଆବଶ୍ୟକ।

# ଫିନିକ୍ସ ଏକାଡେମୀ ପକ୍ଷରୁ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାସୁଦେବପୁର, ୨୨/୭ (ନି.ପ୍ର): ଏକ ସୁନ୍ଦର ପରିବେଶ ମଧ୍ୟରେ ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ନବାଗତ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉତ୍ସବରେ ବିଶିଷ୍ଟ କବି ଓ ଅନୁବାଦକ ତଥା ବିଦ୍ୟାଳୟର ଚେୟାରମ୍ୟାନ୍ ଅଭିମନ୍ୟୁ ବେହେରା ସଭାପତିତ୍ୱ କରିଥିଲେ ଓ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ବିଦ୍ୟାଳୟର ଉପ ସଭାପତି ତଥା ସାହିତ୍ୟିକ ସୁଧାଂଶୁ ଶେଖର ମିଶ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ




ଜଗବନ୍ଧୁ ନାୟକ, ଫିନିକ୍ସ ଏକାଡେମୀର ସମ୍ପାଦକ ଚନ୍ଦ୍ର ଶେଖର ବେହେରା ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଓ ଶିକ୍ଷାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ବିଦ୍ୟାଳୟର ନବମ ଦଶମ ଓ ଅନ୍ୟ ଶ୍ରେଣୀର ଛାତ୍ର ଛାତ୍ରୀ ମାନେ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଫୁଲ ତୋଡା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଶିକ୍ଷକ ସୁକାନ୍ତ ଦାସ ମଞ୍ଚ ସଂଯୋଜନା କରିଥିଲେ ଓ ଶିକ୍ଷକ ବିଜୟ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବକୁ ପରିଚାଳନା କରିବାରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ। ସ୍ୱାଧୀନତା ସଂଗ୍ରାମର ମାଟି ବାସୁଦେବପୁରରେ ପ୍ରତିଷ୍ଠା ଲାଭ କରିଥିବା ଆଦର୍ଶ ଶିକ୍ଷା ଅନୁଷ୍ଠାନ ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟର ପାଠ ପଢା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ରହିଛି ।

# କେରଳର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଭି ଏସ୍ ଅଚ୍ୟୁତାନନ୍ଦଙ୍କ ମୃତ୍ୟୁରେ ଶୋକସଭା ଓ ଦଳୀୟ ପତାକା ଅର୍ଦ୍ଧ ନମିତ

ଜଳେଶ୍ୱର, ୨୨/୭ (ନି.ପ୍ର): କେରଳର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ତଥା ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ପ୍ରତିଷ୍ଠାତା ସଦସ୍ୟ ଭି ଏସ୍ ଅଚ୍ୟୁତାନନ୍ଦନ ୧୦୧ ବର୍ଷରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଯେତେବେଳେ ତାଙ୍କୁ ମାତ୍ର ଷୋହଳ ବର୍ଷ ସେବେଠାରୁ ସେ ବ୍ରିଟିଶ ମାନଙ୍କ ବିରୋଧରେ ସ୍ୱରଓ୍ୱୋଳନ କରି ବହୁବାର ଜେଲ୍ ଯିବାକୁ ପଡ଼ିଥିଲା ।ଅବିଭକ୍ତ କମ୍ୟୁନିଷ୍ଟ ପାର୍ଟିର ସେ ଥିଲେ ଜାତୀୟ ପରିଷଦ ସଦସ୍ୟ। ଆଦର୍ଶଗତ ଲଢେଇରେ କମ୍ୟୁନିଷ୍ଟ ପାର୍ଟି ବିଭାଜନ ହେବା ବେଳେ ସେ ସିପିଏମ ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ଜରୁରୀକାଳୀନ ପରିସ୍ଥିତିକୁ ବିରୋଧ କରିବା ଫଳରେ ଅଚ୍ୟୁତାନନ୍ଦନଙ୍କୁ ମଧ୍ୟ



ଜେଲ୍ ଯିବାକୁ ପଡ଼ିଥିଲା। ଗୋଟିଏ ସାଧାରଣ କୃଷକ ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ନିଜର ସରଳ ଜୀବନ ଯାପନ ପ୍ରଣାଳୀ,ସାଲିସ ବିହୀନ ଲଢେଇ, ସଚ୍ଚୋଟତା ଓ ସାଧୁତା ତାଙ୍କୁ କେରଳର ଜଣେ ଜନପ୍ରିୟ ନେତା ଭାବରେ ସ୍ୱୀକୃତି ଦେଇଥିଲା ଏବଂ କେରଳର ଜନସାଧାରଣ ତାଙ୍କର ଏହି ପ୍ରିୟ ନେତାଙ୍କୁ ୨୦୦୬ ମସିହାରୁ ୨୦୧୧ ମସିହା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ହେବାର ସୁଯୋଗ ଦେଇଥିଲେ। ତାଙ୍କ ବିୟୋଗରେ ସିପିଏମର ଜଳେଶ୍ୱର ଆଞ୍ଚଳିକ କମିଟି ତରଫରୁ ଦଳୀୟ ପତାକାକୁ ଅର୍ଦ୍ଧ ନମିତ କରାଯିବା ସହିତ ପାର୍ଟି କାର୍ଯ୍ୟାଳୟରେ ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା।ଏହି ସଭାରେ ପାର୍ଟିର ବାଲେଶ୍ୱର ଜିଲ୍ଲା ନେତା ଦିଲ୍ଲୀପ କୁମାର ଗିରି ଭିଏସଙ୍କ ଜୀବନାଦର୍ଶନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶେଖ୍ ନାଜିରୁଦ୍ଦିନ, ସୁଶାନ୍ତ ରାଉତ, ମନୋରଞ୍ଜନ ପ୍ରଧାନ, ଲକ୍ଷ୍ମଣ ମୁର୍ମୁ, ସୌମ୍ୟ ପରିଡ଼ା, ନରେନ୍ଦ୍ର ରାଉତ, ରତନ ସୀଟ୍, ସଞ୍ଜୟ ଦାସ, ରାମକୃଷ୍ଣ ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ସ୍ମୃତି ଚାରଣ କରିଥିଲେ। ପାର୍ଟି ପଲିଟବ୍ୟୁରୋର ଆହ୍ୱାନ କ୍ରମେ ଭି ଏସ୍ ଅଚ୍ୟୁତାନନ୍ଦଙ୍କ ମୃତ୍ୟୁରେ ତିନି ଦିନ ଧରି ଶୋକ ପାଳନ କରାଯିବ ବୋଲି ଅକ୍ଷୟ କୁମାର ମିଶ୍ର ଗଣମାଧ୍ୟମକୁ ଅବଗତ କରାଇଛନ୍ତି।

# କଳାହାଣ୍ଡି ଜିଲ୍ଲା ସ୍ତରୀୟ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ସମ୍ମିଳନୀ

ଭବାନୀପାଟଣା, ୨୨/୭ (ନି.ପ୍ର): କଳାହାଣ୍ଡି ଜିଲ୍ଲାସ୍ତରୀୟ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ସମ୍ମିଳନୀ ସ୍ଥାନୀୟ ଟାଉନହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଜିଲ୍ଲା ସୂଚନା ଓ ଜନ ସଂପର୍କ ଅଧିକାରୀ ହଳଧର ନିଆଲ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ଶୁଭଲକ୍ଷ୍ମୀ ନାୟକ ଏବଂ ହେମସାଗର ମହାନନ୍ଦ ତଥା ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଗଣ ଉପସ୍ଥିତ ଥିଲେ। ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସର୍ବୋତମ ରେଜଲ୍ଟ ଓ ସର୍ବାଧିକ ଏ୧ ଗ୍ରେଡ୍ ହାସଲ ଲକ୍ଷ୍ୟ ନେଇ ପ୍ରକାଶ ଅଭିନବ କାର୍ଯ୍ୟକ୍ରମର ଉଦଘାଟନ ମଧ କରାଯାଇଥିଲା।

# ଭାରତୀୟ ଜନତା ଯୁବ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ

ବାସୁଦେବପୁର, ୨୨/୭ (ନି.ପ୍ର): ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ ମହିଳା ଦୁଷ୍କର୍ମ ଘଟଣାକୁ ନିନ୍ଦା କରି ଆଜି ବାସୁଦେବପୁର ସହରରେ ଭାରତୀୟ ଜନତା ଯୁବ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଅନୁଷ୍ଠିତ ହୋଇ ଯାଇଛି। ଏହି ବିକ୍ଷୋଭରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଓ ରାହୁଲ ଗାନ୍ଧୀ ଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଭାରତୀୟ ଜନତା ପାର୍ଟିର ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ, ଯୁବ ମୋର୍ଚ୍ଚା ନଗର ଉପ ସଭାପତି ଆନନ୍ଦ ଶଙ୍କର ଦାସ, ବରିଷ୍ଠ




ନେତା ଉମାକାନ୍ତ ଖୁଣ୍ଟିଆ, ଜଗବନ୍ଧୁ ଦାସ, ପ୍ରତାପ ସେନାପତି, ଅଧିବକ୍ତା ଡକ୍ଟର ନୀରଦ ଦାଶ, ହେମନ୍ତ ସନ୍ଧି ବିଗ୍ରହ, ମଧୁସୂଦନ ପାତ୍ର, ରାଜେନ୍ଦ୍ର ବାରିକ୍, ବଳଭଦ୍ର ବିଶ୍ୱାଳ, ମହେଶ୍ୱର ଧଳ, ପୀତାମ୍ବର ପାତ୍ର, ରଞ୍ଜନ ବାରିକ୍, ଗୌତମ ବାରିକ୍, ସୁକାନ୍ତ ବିଶ୍ୱାଳ, ଲକ୍ଷ୍ମୀକାନ୍ତ ଲେଙ୍କା, ଶ୍ରୀଧର ସେଠି, ନିଶିକାନ୍ତ ମହାନ୍ତି, ବିଦ୍ୟାଧର ମାଝି, ପର୍ଶୁରାମ ବାରିକ୍, ଜିତେନ୍ଦ୍ର ଦଳାଇ ପ୍ରମୁଖ ଯୋଗ ଦେଇଥିଲେ।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ମୁନିସମାଜର ଶୁଭ ଜନ୍ମଦିନ ପାଳନ

ରୂପସା , ୨୨/୭ (ନି.ପ୍ର): ହାତିଆଡିହା ଶିବ ମୁନି ଯୋଗାଶ୍ରମରେ, ଆଶ୍ରମର ବରିଷ୍ଠ ଯୋଗସାଧକ ଆତ୍ମଜ୍ଞାନୀ ଯୋଗୀ ପରମା ନନ୍ଦ ବାରିକଙ୍କ ମଧ୍ୟମା କନ୍ୟା ଆୟୁଷ୍ମତୀ ପ୍ରମୋଦିନୀ ବାରିକ, ଶ୍ରୀଯୁକ୍ତ ଗୋପବନ୍ଧୁ ବରଙ୍କ ଏକ ମାତ୍ର କନ୍ୟା ଆୟୁଷ୍ମତୀ କୁମାରୀ ସୁନୟନା ବାରିକ, ବର ଙ୍କର ଦ୍ୱାଦଶତମ ଶୁଭ ଜନ୍ମଦିନ, ଆଶ୍ରମର କୋଷାଧକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରୀଚରଣମୁନି ଜୀଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି । ଆତ୍ମଜ୍ଞାନୀ ଯୋଗଶିକ୍ଷୟତ୍ରୀ କଳ୍ପନା ମିଶ୍ରୀ ମହୋଦୟା ଶିବ ବଚନାମୃତ ପାଠ କରିଥିବାବେଳେ ମୁନିମତୀ ଶକୁନ୍ତଳା ପରିଡା ଶୁଭ ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ । ପ୍ରଥମେ ସମୂହ ପ୍ରଣବ, ଶୁଭଭାବନା, ବେଦପାଠ, ଶାନ୍ତି ପାଠ କରାଯାଇ, ସୁନୟନା ଙ୍କୁ ଦୀର୍ଘ୍ୟ ନିରୋଗ ନିରାମୟ ଆନନ୍ଦମୟ ଜୀବନ ସହିତ ଉଜ୍ଜ୍ୱଳ ଭବିଷ୍ୟତର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା । ଉପସ୍ଥିତଥିଲେ- ଉପାଧ୍ୟକ୍ଷା ମୁନିରାଜ୍ଞୀ କନକଲତା ମହାପାତ୍ର, ବିମଳା ଲେଙ୍କା, ବାସନ୍ତୀ



ମହାଳିକ,ସୁମତୀ ଦଳାଇ, ମୁନିମତୀ ଯମୁନା ପାତ୍ର, କାଞ୍ଚନ ସାହୁ, ଜୟନ୍ତୀ ଗିରି,ଉର୍ମିଳା ରାଉଳ, ଆରତୀ ଗିରି, ଗୌରୀ ଜେନା, କୁନୀ ମାଝୀ, ମଞ୍ଜି ଲତା ଚେହେରା, ସୁଷମା ପରିଡା, ମୁନି କୁମାରୀ ଲକ୍ଷ୍ମୀପ୍ରିୟା ମହାପାତ୍ର, ମୁନିରାଜ ଅନାଦୀ ବାରିକ୍, ନାରାୟଣ ମହାପାତ୍ର, ଗୌରହରି ବାରିକ, ଜନ୍ମେଜୟ ପରିଡା, ଜଗଦୀଶପରିଡା ପ୍ରମୁଖ । ଯମ ନିୟମ ପାଳନ ପୂର୍ବକ, ମୁନି ସମାଜ ର ଯୋଗ ସାଧନ ପ୍ରତିଦିନ କରିଚାଲିଲେ ସ୍ମରଣଶକ୍ତି ଏତେ ବୃଦ୍ଧିପ୍ରାପ୍ତ ହେବେ ଯେ, କୌଣସି ବିଷୟ ଥରେ ପଢିଲେ ତାହା ସବୁଦିନ ପାଇଁ ମନେ ରହିଯିବ । ବକ୍ତାମାନେ ପ୍ରକାଶ କରିଥିଲେ । ଶେଷରେ ଅଜା ଯୋଗୀ ପରମାନନ୍ଦ ମୁନି ସମସ୍ତଙ୍କୁ ଧନ୍ୟବାଦ୍ ସହିତ ସ୍ୱାଦିଷ୍ଟ ଫଳ ପ୍ରଦାନ କରିଥିଲେ ।

ବୁଧବାର, ଜୁଲାଇ ୨୩, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନର ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ଖୋର୍ଦ୍ଧା , ୨୨/୭ (ନି.ପ୍ର): ଆଜି ପୂର୍ବାହ୍ନରେ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକ ଅନ୍ତର୍ଗତ, ନୂଆଗଡ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ପୁଲିସ ପ୍ରଶାସନ ର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅତିରିକ୍ତ ଜିଲ୍ଲାପାଳ , ପ୍ରଶାସନ ,ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି କ୍ଷ ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀନିବାସ ମହାନ୍ତି,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଜ୍ୟୋତି ଶଙ୍କର ସାହୁ , ଉପଜିଲ୍ଲାପାଳ,ଖୋର୍ଦ୍ଧା ଶ୍ରୀ କିଶୋର କୁମାର ପଣ୍ଡା, ବି ଡି ଓ, ଟାଙ୍ଗୀ ରୋମାନା ଯାଫ୍ରି, ତହସିଲଦାର , ନିଷ୍ଠା ମହାପାତ୍ର,ଡେପୁଟି କଲେକ୍ଟର , ଜରୁରୀ, ଶ୍ରୀତପା ମିଶ୍ର,ସହକାରୀ ଜିଲ୍ଲାପାଳ, ଅଭିଯୋଗ, ଭୁବନେଶ୍ୱରୀ କଅଁର ଯୋଗଦେଇଥିଲେ । ଅଭିଯୋଗ ଶିବିରକୁ ମୋଟ ୧୩୨ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୧୧୯ ଗୋଟି ଅଭିଯୋଗ ବ୍ୟକ୍ତିଗତ ଏବଂ ୧୩ ଗୋଟି ଅଭିଯୋଗ ଗ୍ରାମୀଣ ସମସ୍ୟା ଜନିତ ଥିଲା। ସମସ୍ତ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରାଯାଇ ୪୦ ଗୋଟି ଅଭିଯୋଗର ଅଭିଯୋଗ ସ୍ଥଳରେ ସମାଧାନ କରାଯାଇଥିବା ବେଳେ ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ ପାଇଁ ସଂପୃକ୍ତ ଅଧିକାରୀମାନେ ପଦକ୍ଷେପ ଗ୍ରହଣ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ନିର୍ଦ୍ଦେଶ ଦେଇଥିଲେ । ଜନଶୁଣାଣି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ , ଅଧିକ୍ଷଣ ଯନ୍ତ୍ରୀ, ପୂର୍ତ୍ତ, ଖୋର୍ଦ୍ଧା, ଇଂ ଶିବ ଲାଲ ସାହୁ, ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଶ୍ରୀମତୀ ରଶ୍ମିତା ଦାସ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ,ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ରବି ନାରାୟଣ ସେନାପତି,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ହିଆଲ , ଜିଲ୍ଲା ପଂଚାୟତ ଅଧିକାରୀ ଶ୍ରୀ ଶ୍ୟାମଲେନ୍ଦୁ ନାୟକ , ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ସୋନାମିକା ରାୟ , ଜିଲ୍ଲା ମଙ୍ଗଳ ଅଧିକାରୀ ଡ. ଗୀତାଂସୁ ଦାଶ ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ ଡିପାର୍ଟମେଣ୍ଟ ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀ ମାନେ ଯୋଗ ଦେଇଥିଲେ ।

# ଛାତ୍ର କଂଗ୍ରେସ ସଭାପତିଙ୍କ ଦୁଷ୍କର୍ମ ଘଟଣାରେ ବସ୍ତା ବିଜେପିର କୁଶପୁତ୍ତଳିକା ଦାହ ଓ ସଭା




ବସ୍ତା, ୨୨/୭ (ନି.ପ୍ର): ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ଜଣେ ଛାତ୍ରୀ ଙ୍କୁ ଦୁଷ୍କର୍ମ କରିବା ପ୍ରତିବାଦରେ ବସ୍ତା ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଆଜି ଗାନ୍ଧିଛକ ଠାରେ ଏକ ପଥ ପ୍ରାନ୍ତ ସଭା ରାଜେନ ପରିଡା ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେପି ବିଧାନସଭା ପ୍ରାର୍ଥୀ ରବୀନ୍ଦ୍ର ନାଥ ଅଣ୍ଡିଆ, ବିଜେପି ନେତା ଶ୍ୟାମ ପ୍ରସାଦ ବେହେରା, ସୂର୍ଯ୍ୟ ନାରାୟଣ ସାହୁ, ବସନ୍ତ କୁମାର ବାରିକ, ପ୍ରକାଶ କୁଣ୍ଡୁ , ନିହାର ରଞ୍ଜନ ବେହେରା, ଆକାଶ ବେହେରା, ଫର୍ଣ୍ଣାଲ ବିଶ୍ୱାଳ, ଦେବାଶିଷ କବି, ଇଂ ଦିବାକର ପ୍ରମୁଖ ଭାଷଣ ଦେଇ କଂଗ୍ରେସକୁ ତୀବ୍ର ସମାଲୋଚନା କରି ଦୁଷ୍କର୍ମ ମାନସିକତା କଂଗ୍ରେସ ଡିଏନଏ ରେ ରହିଛି ବୋଲି କଟାକ୍ଷ କରିବା ସହିତ ବିରୋଧୀ ଦଳ ନେତା ରାହୁଳ ଗାନ୍ଧୀ, ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଙ୍କ ଇସ୍ତଫା ଦାବି କରିଥିଲେ। ଶେଷରେ କଂଗ୍ରେସ ନେତା ରାହୁଳଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା।

# ବିଜେପି ରାଜ୍ୟ ଯୁବ ମୋର୍ଚ୍ଚାର ସଭାପତିଙ୍କୁ ଗିରଫ ଦାବିରେ ଜଳେଶ୍ୱର ଥାନାରେ କଂଗ୍ରେସ ପକ୍ଷରୁ ଲିଖିତ ଅଭିଯୋଗ

ଜଳେଶ୍ୱର, ୨୨/୭ (ନି.ପ୍ର): ଗତ କାଲି ୨୧ ତାରିଖ ସୋମବାର ଦିନ ବିଜେପି ଯୁବ ମୋର୍ଚ୍ଚାର ରାଜ୍ୟ ସଭାପତି ଅଭିଲାଷ ପଣ୍ଡା ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଦଳକୁ ବଳାତ୍କାରୀ ଦଳ ଏବଂ ବିରୋଧୀ ଦଳ ନେତା ଜନନାୟକ ରାହୁଲଗାନ୍ଧୀଜୀଙ୍କୁ ଦେଶଦ୍ରୋହୀ କହିବା ଅତ୍ୟନ୍ତ ନିନ୍ଦନୀୟ। ଜଳେଶ୍ୱର କଂଗ୍ରେସ ତରଫରୁ ଉକ୍ତ ଘଟଣାକୁ ନିନ୍ଦା କରାଯିବା ସହିତ ଯୁବମୋର୍ଚ୍ଚାର ରାଜ୍ୟ ସଭାପତି ଅଭିଲାଷ ପଣ୍ଡାଙ୍କ ଗିରଫ ଦାବିରେ ଜଳେଶ୍ୱର କଂଗ୍ରେସ ତରଫରୁ ଏକ ପ୍ରତିନିଧି ଦଳ ଜଳେଶ୍ୱର ଥାନା ରେ ଲିଖିତ ଅଭିଯୋଗ କରିବା ସହିତ ଅଭିଲାଷ ପଣ୍ଡାଙ୍କ ବିରୁଦ୍ଧରେ ଆଇନ ଅନୁଯାୟି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ କରିଛନ୍ତି। ଉକ୍ତ ପ୍ରତିନିଧି ଦଳରେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ରାଜୀବ କୁମାର ପରିଡା, ପୂର୍ବତନ କିସାନ ସଭାପତି ସୁଦାମ ପାତ୍ର, ପୂର୍ବତନ ଟାଉନ କଂଗ୍ରେସ ସଭାପତି ଗିରିଜା ଶଙ୍କର ଦାସ, ବରିଷ୍ଠ କଂଗ୍ରେସ ନେତା ସତ୍ୟ ସୁନ୍ଦର ଦାସ, ଫରିଦ ଅହମଦ, ସବ୍ୟସାଚୀ ଦାସ ,ହରିଶଙ୍କର ଜେନା ଏବଂ ଏସ କେ ଅଫସର ଅଲି ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱର୍ଗତ ନିର୍ମଳ ଚନ୍ଦ୍ର ନାୟକଙ୍କର ପ୍ରଥମ ବାର୍ଷିକ ସ୍ମୃତି ସଭା




ଭଦ୍ରକ, ୨୨/୭ (ନି.ପ୍ର): ଗୁରୁ ଛାତ୍ରମାନଙ୍କ ମଧ୍ୟରେ ଉତ୍ତମ ସହଯୋଗରେ ଆଜିର ସମାଜ ଗଠନ ହୋଇପାରିବ ଏବଂ ଅଜ୍ଞାନୀ ଅନ୍ଧକାରକୁ ଗୁରୁମାନଙ୍କର ଆଶୀର୍ବାଦ ପୂର୍ଣ୍ଣ ଜ୍ଞାନୀ ଲୋକ ହିଁ ଦୂର କରିଦେଇପାରେ ବୋଲି ବକ୍ତାମାନେ ସ୍ୱକୀୟ ମତ ପ୍ରକାଶ କରିଥିଲେ। ଏହି ଅବସରରେ ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପରେ ଆୟୋଜିତ ସ୍ୱର୍ଗତ ନିର୍ମଳ ଚନ୍ଦ୍ର ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ସ୍ମୃତି କମିଟିର ସଭାପତି ଶାନ୍ତନୁ କୁମାର ରାଉତ ଅଧକ୍ଷତା କରିଥିଲେ। ମଂଚାସୀନ ଅତିଥିମାନଙ୍କ ମଧ୍ୟରେ ଥିଲେ ସ୍ମୃତି କମିଟିର ସମ୍ପାଦକ ତଥା ଭଦ୍ରକ ତ୍ୟାଗଭୂମିର ସଭାପତି ଅଜୟ କୁମାର ନାୟକ, ମୁଖ୍ୟ ଅତିଥି ବେଦ ପୀୟୂଷର ସମ୍ପାଦକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ମୁଖ୍ୟବକ୍ତା ସଂସ୍କୃତ ସାହିତ୍ୟବିତ୍ ତଥା ଅବସରପ୍ରାପ୍ତ ଅଧକ୍ଷ, ଡ. ପ୍ରମୋଦ କୁମାର ନାୟକ ଓ ସମ୍ବର୍ଦ୍ଧିତ ପ୍ରତିଭା ପ୍ରଜ୍ଞାଦୀପ୍ତ ସଦାଶିବ ନାୟକ। ପ୍ରାରମ୍ଭରେ ସ୍ମୃତି କମିଟିର ଅନ୍ୟତମ ସଭ୍ୟ ସୁଧାକର ରାଉତ ଅତିଥିମାନଙ୍କୁ ମଂଚ ଆମନ୍ତ୍ରଣ କରିବା ପରେ ଅତିଥିମାନେ ସ୍ୱର୍ଗତ ନିର୍ମଳ ଚନ୍ଦ୍ର ନାୟକଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ଧୂପ ଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ଭଦ୍ରକ ସତ୍ୟ ସାଇ ବିଦ୍ୟା ବିହାରର ଛାତ୍ରମାନେ ପବିତ୍ର ବେଦ ଆବୃତ୍ତି କରିବା ପରେ ସ୍ମୃତି କମିଟିର ବରିଷ୍ଠ ସଭ୍ୟ ହରମୋହନଙ୍କୁ ସ୍ୱାଗତ ସମ୍ଭାଷଣ ଉପସ୍ଥାପନ କରିଥିଲେ ଓ ଶ୍ରୀ ବାବୁଲାଲ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଅଜୟ ନାୟକ ସମ୍ପାଦକୀୟ ଉପସ୍ଥାପନ କରିବା ପରେ ସଦାଶିବ ନାୟକଙ୍କୁ ନିର୍ମଳ ନାୟକ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ଶ୍ରୀ ଅମୀୟ କୁମାର ବଳ ସ୍ମୃତିଚାରଣ କରିଥିଲେ। ସଭାପତିଙ୍କ ଅନୁରୋଧ କ୍ରମେ ପ୍ରଥମେ ମୁଖ୍ୟବକ୍ତା ଡ. ପ୍ରମୋଦ କୁମାର ନାୟକ ସୁନ୍ଦର ବକ୍ତବ୍ୟ ଉପସ୍ଥାପନ କରିବା ପରେ ବକ୍ତବ୍ୟ ପ୍ରଦାନ କରିଥିଲେ ଲୋକପ୍ରିୟ ମୁଖ୍ୟଅତିଥି ବେଦବିତ୍ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା। ଶେଷରେ ସଭାପତିଙ୍କର ଅଭିଭାଷଣ ପରେ ଧନ୍ୟବାଦ ପ୍ରଦାନ କରିଥିଲେ ଦେବ ଜ୍ୟୋତି ନାୟକ। ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ଆଦିତ୍ୟ କୁମାର ନାୟକ, ଜୀବନ ଜ୍ୟୋତି ନାୟକ, ଡ. ଗୋଲକ ଚନ୍ଦ୍ର ସାହୁ, ଡ. ମନୀନ୍ଦ୍ର ମହାନ୍ତି, ଗୀତାରାଣୀ ଆଇଚ, ଶଶଧର ନାୟକ, ମଦନ ମୋହନ ନାୟକ, ଗୟାଧର ପଣ୍ଡା, ସନ୍ତୋଷ କୁମାର ରାଉତ, ଆଶିଷ କୁମାର ନାୟକ, ବୈଲୋଚନ ବେହୁରିଆ ଆଦି ସଭ୍ୟମାନେ ମଂଚ ପରିଚାଳନାରେ ସହଯୋଗ କରିଥିଲେ ଗୌରାଙ୍ଗ ବାରିକ।

## ନିଶା କାରବାରର ସମ୍ପୃକ୍ତ ଦମ୍ପତି ଗିରଫ

ସମ୍ବଲପୁର, ୨୨/୭ (ନି.ପ୍ର): ନିଶା କାରବାର କରି ରାତାରାତି ଲକ୍ଷପତି ସାଜିବା ଲୋଭ ମହାଙ୍ଗା ପଡିଛି ଏକ ପରିବାରକୁ। ନିଶା କାରବାର ରୋକିବା ଅଭିଯାରେ ବରଗଡ଼ ପୋଲିସ ଆକ୍ସନ ମୁଡ଼ରେ ଥିବାରୁ ବ୍ରାଉନସୁଗାର କାରବାର ସହିତ ଏକ ଦମ୍ପତି ଆଜି ପୋଲିସ ଜାଲରେ ଛନ୍ଦି ହୋଇ ଜେଲ ଯିବାକୁ ପଡିଛି ।ସୂଚନା ମତେ ମଙ୍ଗଳବାର ସକାଳୁ ସ୍ଥାନୀୟ ଘରୋଇ ବସଷ୍ଟାଣ୍ଡ ନିକଟରୁ ୭୦ ଗ୍ରାମ ବ୍ରାଉନସୁଗାର ସହିତ ଦମ୍ପତିଙ୍କୁ ଗିରଫ କରିଛି ବରଗଡ଼ ପୋଲିସ। ଗିରଫ ଦମ୍ପତି ହେଲେ, ସ୍ଥାନୀୟ ୱାର୍ଡ଼ ନଂ- ୫ ବିଶିପଡାର ସୁକାନ୍ତ ସୁନା (୩୫) ଏବଂ ସ୍ତ୍ରୀ ରୋଜି (୩୫) । ସେମାନଙ୍କ ପାଖରୁ ନଗଦ ୧ଲକ୍ଷ ୪ହଜାର ଟଙ୍କା, ଏକ ଚେକ୍ ବୁକ୍ ଏବଂ ଏକ ବ୍ୟାଙ୍କ ପାସବୁକ୍ ଜବତ ହୋଇଛି।

# କପ୍ତିପଦା ଉପଖଣ୍ଡ ସ୍ତରୀୟ ସ୍ୱାଧିନତା ଦିବସ ପ୍ରସ୍ତୁତି ବୈଠକ




ଉଦଳା , ୨୨/୭ (ନି.ପ୍ର): ଉଦଳା ଠାରେ କପ୍ତିପଦା ଉପଖଣ୍ଡ ସ୍ତରୀୟ ୭୯ତମ ସ୍ୱାଧିନତା ଦିବସ ପାଳନ ପାଇଁ ଆଜି ଜୁଲାଇ ୨୨ ତାରିଖ ମଙ୍ଗଳବାର ଦିନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଉକ୍ତ ବୈଠକ ଆୟୋଜନର ସବୁପ୍ରକାର ବ୍ୟବସ୍ଥା କରାଯାଇଥିଲା । ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଏଥିରେ ଅଧକ୍ଷତା କରିଥିବା ବେଳେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଉଦଳା ବ୍ଲକ ଅଧକ୍ଷା ମଂଜୁଲତା ବିଶ୍ୱାଳ ପ୍ରମୁଖଙ୍କ ସମେତ ଖୁଂଟା, ଗୋପବନ୍ଧୁନଗର, କପ୍ତିପଦା ଓ ଉଦଳା ଠାରେ କାର୍ଯ୍ୟରତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି, ସ୍ୱେଚ୍ଛାସେବି ସଂଗଠନର କର୍ମକର୍ତ୍ତା, ଶିକ୍ଷକ ଶିକ୍ଷୟିତ୍ରି, ଅଧ୍ୟାପକ ଅଧ୍ୟାପିକା, ବିଭିନ୍ନ ବିଭାଗର ଯନ୍ତ୍ରୀ ବୃନ୍ଦ ଉପସ୍ଥିତ ଥିଲେ । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସ୍ୱାଧିନତା ଦିବସ ଅବସରରେ ଉପଖଣ୍ଡ ସ୍ତରରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ ବୋଲି ବୈଠକରେ ସମସ୍ତେ ମତ ଦେବା ସହିତ କିଏ କେଉଁ ଦାୟିତ୍ୱ ତୁଲାଇବେ ତାହାର ଏକ ଚିଠା ପ୍ରସ୍ତୁତ କରାଯାଇଛି। ପ୍ରତିବର୍ଷ ପରି ହେବାକୁ ଥିବା ରକ୍ତଦାନ ଶିବିରକୁ ସ୍ୱେଚ୍ଛାସେବି ସଂଗଠନ ମାନେ ମିଳିମିଶି ସଫଳ କରିବାକୁ ଦାୟିତ୍ୱ ନେଇଥିବାର ଜଣାଯାଇଛି । ରକ୍ତଦାନ ପାଇଁ ବ୍ୟାପକ ପ୍ରଚାର ପ୍ରସାର କରାଯିବା ସହ ବହୁସଂଖ୍ୟାରେ ବ୍ୟକ୍ତି ବିଶେଷ ରକ୍ତଦାନ କରିବାକୁ ସ୍ୱେଚ୍ଛାସେବି ମାନେ ଅନୁରୋଧ ଜଣାଇଛନ୍ତି ।

# ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାମୂହିକ ବାତଜ୍ୱର ଔଷଧ ସେବନ ସଚେତନତା କର୍ମଶାଳା



ବାଲିଆପାଳ , ୨୨/୭ (ନି.ପ୍ର): ସାମୂହିକ ବାତଜ୍ୱର ଔଷଧ ସେବନ ସଚେତନତା କର୍ମଶାଳା ଆଜି ବାଲିଆପାଳ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପ୍ରିୟା ମହିଳା ମହାବିଦ୍ୟାଳୟ ଏବଂ ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କର୍ମଶାଳାରେ ବିଦ୍ୟାଳୟର ଅଧକ୍ଷା ସୁଦିପ୍ତା ବିଶ୍ୱାଳ ଅଧକ୍ଷତା କରିଥିଲେ ।ବାତଜ୍ୱର ବା ଫାଇଲେରିଆ ରୋଗର କୀଟାଣୁ (ବ୍ରୋଜିଆ ମାଲାଇ) ବାଲିଆପାଳ ବ୍ଲକ ବେତଗଡିଆ ଗ୍ରାମ ପଞ୍ଚାୟତର ନାରାୟଣପୁର ଏବଂ ମଧୁପୁରା ପଞ୍ଚାୟତର ପଞ୍ଚୁରୁଖି ଗ୍ରାମରେ ଦେଖାଯାଇଛି ।ଯାହାକି ଭାରତ ବର୍ଷର ଅନ୍ୟ କୌଣସି ସ୍ଥାନରେ ମାଇକ୍ରୋ ଫାଇଲେରିଆର ଏହି କୀଟାଣୁ ଦେଖାଯାନ୍ତି ନାହିଁ। ସେଥିପାଇଁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାରଙ୍କ ସହଯୋଗରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ବାଲିଆପାଳ ବ୍ଲକ ସ୍ୱାସ୍ଥ୍ୟ ବିଭାଗର ମିଳିତ ପ୍ରଚେଷ୍ଟାରେ ବାଲିଆପାଳ ବ୍ଲକର ସମସ୍ତ ୨୮ଟି ପଞ୍ଚାୟତର ସମସ୍ତ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ମାନଙ୍କୁ ଆସନ୍ତା ଅଗଷ୍ଟ ମାସ ୧୦ତାରିଖରୁ ୧୯ତାରିଖ ପର ?ଏନ୍ତ ବାତଜ୍ୱର ବା ଫାଇଲେରିଆ ରୋଗର ଔଷଧ ସେବନ କରିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଉଅଛି ।ଏହି ପରିପ୍ରେକ୍ଷୀରେ ଆଜି ବାଲିଆପାଳ ବ୍ଲକର ଏକମାତ୍ର ମହିଳା ମହାବିଦ୍ୟାଳୟ ଓ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରଭାଇଜର ରମାନାଥ କର ଏବଂ ସୋସିଆଲ ମୋବିଲାଇଜର ପ୍ରତାପ କୁମାର ପାତ୍ର ଯୋଗଦେଇ ରୋଗର ଭୟାବହତା, ରୋଗର ଲକ୍ଷଣ, ରୋଗ ବ୍ୟାପିବାର ମାଧ୍ୟମ ଏବଂ ଏହି ରୋଗକୁ ରୋକିବାର ଉପାୟ ସମ୍ପର୍କରେ ଉପସ୍ଥିତ ୩୦୦ଶହରୁ ଉର୍ଦ୍ଧ୍ୱ ଛାତ୍ରୀ ତଥା ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ମାନଙ୍କୁ ସଚେତନ କରାଇଥିଲେ। କାର୍ମଶାଳା ପ୍ରାରମ୍ଭରେ ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କର୍ମଶାଳା ଶେଷରେ ଅଧ୍ୟାପକ ରାଜେନ୍ଦ୍ର କୁମାର ବାରିକ ଧନ୍ୟବାଦ ଦେଇଥିଲେ।

# ଫାଇଲେରିଆ, ଡେଙ୍ଗୁ, ମ୍ୟାଲେରିଆ ତଥା ଭେକଟର ବାହିତ ରୋଗର ନିରାକରଣ ସମ୍ବନ୍ଧୀୟ ଦ୍ୱିତୀୟ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ




ବାରିପଦା , ୨୨/୭ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟଙ୍କ ଅଧକ୍ଷତା ରେ ସମ୍ମିଳନୀ କକ୍ଷରେ ଫାଇଲେରିଆ ନିରାକରଣ ସମ୍ବନ୍ଧୀୟ ଦ୍ୱିତୀୟ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତହୋଇଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ, ଏଡିଏମଓ ଡାକ୍ତର ବିଜୟ କୁମାର ଦାଶ ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ , ଜିଲ୍ଲାରେ ଚଳିତ ବର୍ଷ ଆଗାମୀ ଅଗଷ୍ଟ ମାସ ୧୦ ତାରିଖ ରୁ ଅଗଷ୍ଟ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଫାଇଲେରିଆ ନିରାକରଣ ଅଭିଯାନ ସମ୍ବନ୍ଧ ରେ ବିସ୍ତୃତ ଭାବେ ସମସ୍ତଙ୍କୁ ଅବଗତ କରାଇଥିଲେ. ଯେହେତୁ ଓଡିଶା ରେ ୧୧ ଗୋଟି ଫାଇଲେରିଆ ପ୍ରବଣ ଜିଲ୍ଲା ମଧ୍ୟରେ ମୟୁରଭଞ୍ଜ ଜିଲ୍ଲା ଚିହ୍ନିତ ହୋଇଛି ତେଣୁ ଏହାର ନିରାକରଣ ପାଇଁ ୨୦୨୧ ମସିହାରୁ ପ୍ରୟାସ ତଥା ନିୟମିତ ଚିକିତ୍ସା ଫଳରେ ପର୍ଯ୍ୟାୟ କ୍ରମେ ହ୍ରାସ ପାଇଥିବା ବେଳେ ଚଳିତ ବର୍ଷ ଏହାକୁ ସମ୍ପୂର୍ଣ୍ଣ ନିରାକରଣ ପାଇଁ ଉଦ୍ୟମ କରାଯାଉଛି। ଏହି ଅଭିଯାନକୁ ସମ୍ପୂର୍ଣ୍ଣ ସଫଳ କରାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଭିବିଡି ପରାମର୍ଶଦାତା ଶ୍ରୀ ତପନ କୁମାର ସାହୁ କହିଥିଲେ ଯେ ଏହି ଅଭିଯାନର ମୁଖ୍ୟ ଉଦେଶ୍ୟ ହେଉଛି ସାମୁହିକ ଔଷଧ ସେବନ ଦ୍ୱାରା ବାତଜ୍ୱର ବା ଫାଇଲେରିଆ ରୋଗର ସମ୍ପୂର୍ଣ୍ଣ ନିରାକରଣ। ନିଜେ ଏବଂ ନିଜ ପରିବାରର ୨ବର୍ଷରୁ ଉର୍ଦ୍ଧ ସଦସ୍ୟ ସମସ୍ତେ ଫାଇଲେରିଆ ନିରାକରଣ ଔଷଧ ଖାଇ ଫାଇଲେରିଆ ରୋଗରୁ ରକ୍ଷା ପାଆନ୍ତୁ. ବୟସ ଓ ଉଚ୍ଚତା ଅନୁସାରେ ଜଣେ ଡିଇସି ବଟିକା ସହିତ ଆଲବେଣ୍ଡାଜଲ ଓ ଆଇଭରମେକ୍ଟିନ ବଟିକା ଗୋଟିଏ ମାତ୍ରାରେ ସମୁଦାୟ ବଟିକା ଖାଦ୍ୟ ଖାଇସାରିବା ପରେ ଏକ ସଙ୍ଗରେ ଖାଇବା ପାଇଁ ପରାମର୍ଶ ଦିଆଯାଉଛି। କେବଳ ଗର୍ଭବତୀ ମହିଳା,୨ବର୍ଷରୁ କମ ବୟସ ଶିଶୁ, ଏକ ସପ୍ତାହ ମଧ୍ୟରେ ଶିଶୁ ପ୍ରସବ କରିଥିବା ମା ଓ ଅତ୍ୟନ୍ତ ଗୁରୁତର ଅସୁସ୍ଥଥିବା ବ୍ୟକ୍ତିଙ୍କୁ ଏହି ବଟିକା ଖାଇବା ପାଇଁ ବାରଣ କରାଯାଉଛି। ଏହି ଔଷଧ ସରକାରଙ୍କ ତରଫରୁ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇଦିଆଯାଉଛି ଏବଂ ଏହା ସମ୍ପୂର୍ଣ୍ଣ ନିରାପଦ ଓ ସୁରକ୍ଷିତ। ସ୍ୱାସ୍ଥ୍ୟ ଉପରେ ଏହାର କୌଣସି ପ୍ରତିକୂଳ ପ୍ରଭାବ ପଡିବ ନାହିଁ। ତେଣୁ ଲୋକମାନେ କୌଣସି ପ୍ରକାର ଭୟଭିତ ନହୋଇ ବିନା ଆଶଙ୍କାରେ ଏହି ଔଷଧ ସେବନ ନିମନ୍ତେ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିବା ପାଇଁ ପ୍ରଶାସନ ତରଫରୁ ପରାମର୍ଶ ଦିଆଯାଉଛି। ଏହି ଅଭିଯାନ ରେ ଆଶାକର୍ମୀ, ଅଙ୍ଗନବାଡି କର୍ମୀ କିମ୍ବା ତାଲିମ ପ୍ରାପ୍ତ ସ୍ୱେଚ୍ଛାସେବୀ ମାନେ ସମସ୍ତ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଏବଂ ଏକାଧିକ ବାର ଘରକୁ ଘର ଯାଇ ପ୍ରତ୍ୟେକ ପରିବାରର ଉପଯୁକ୍ତ ସଦସ୍ୟଙ୍କୁ ଏହି ଔଷଧ ଖୁଆଇବା ସହିତ ପ୍ରତ୍ୟେକ ସରକାରୀ/ ବେସରକାରୀ କାର୍ଯ୍ୟାଳୟ ଅନୁଷ୍ଠାନର କର୍ମକର୍ତ୍ତା ମଧ୍ୟ ଉକ୍ତ ଔଷଧ ସେବନ କରିବେ। ଏଥି ପାଇଁ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ର ଆବଶ୍ୟକତା ଥିବା ବେଳେ ସମାଜର ସବୁ ବର୍ଗର ଲୋକ ମାନଙ୍କ ସହଯୋଗରେ ଏହା ଫଳପ୍ରଦ ହୋଇପାରିବ ବୋଲି ପ୍ରକାଶ କରି ଥିଲେ।

## ଗିରଫ ହେଲେ କେନ୍ଦୁଲିଫ ଡିଏଫଓ ନିତ୍ୟାନନ୍ଦ ନାୟକ

କେନ୍ଦୁଝର, ୨୨/୭ (ନି.ପ୍ର): କେନ୍ଦୁଝରରେ କାର୍ଯ୍ୟରତ କେନ୍ଦୁଲିଫ ଡିଏଫଓ ନିତ୍ୟାନନ୍ଦ ନାୟକଙ୍କ ଅନୁଗୁଳ ସ୍ଥିତ ଦୁଇ ଦିନ ତଳେ ଭିଜିଲାନ୍ସ ବିଭାଗ ଦ୍ୱାରା ଚଢାଉ କରଯାଇଥିଲା। ଗତକାଲି କେନ୍ଦୁଝର ସ୍ଥିତ ସରକାରି ବାସଭବନରେ ଚଢାଉ କରିଛି ଭିଜିଲାନ୍ସ ବିଭାଗ। ଏହି ଚଢାଉ ବେଳେ ୮.୫ ଲକ୍ଷ ଟଙ୍କା ନଗଦ ସହ ଜୀବନ ବିମା, ବହୁ ବ୍ୟାଙ୍କ ଆକାଉଂଟ ଆଦି ଜବତ ହୋଇଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ଜଣାପଡିଥିଲା।

# ଛାତ୍ରକଂଗ୍ରେସ ସଭାପତିଙ୍କ ଦୁଷ୍କର୍ମ ପ୍ରତିବାଦରେ ଭାରତୀୟ ଯୁବମୋର୍ଚ୍ଚା ନୀଳଗିରି ପକ୍ଷରୁ କୁଶପୁତ୍ତଳିକା ଦାହ



ନୀଳଗିରି , ୨୨/୭ (ନି.ପ୍ର): ଭାରତୀୟ ଜନତା ଯୁବମୋର୍ଚ୍ଚା ନୀଳଗିରି ତରଫରୁ କଂଗ୍ରେସର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ,ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଓ ରାଜ୍ୟ ଛାତ୍ରକଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ କୁଶପୁତ୍ତଳିକା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦାହ କରାଯାଇଅଛି। ରାଜ୍ୟ ଛାତ୍ରକଂଗ୍ରେସ ସଭାପତି ଉଦିତ ପ୍ରଧାନ ଜୈନିକ ଯୁବତୀଙ୍କୁ ମୃଦୃପାନୀୟରେ ନିଶାଦେଇ ଦୁଷ୍କର୍ମ କରିବାପରେ ଯୁବତୀ ଜଣକ ଗତ ୧୮ତାରିଖରେ ପୋଲିସରେ ଅଭିଯୋଗ ପରେ ପୋଲିସ ଉଦିତଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇଦେଇଛି। ଓଡ଼ିଶାରେ ବିଜେପି ନେତୃତ୍ୱାଧୀନ ରାଜ୍ୟସରକାର ମହିଳାଙ୍କୁ ସୁରକ୍ଷାଦେବାରେ ବିଫଳ ହୋଇଥିବା ବେଳେ ଓଡ଼ିଶାରେ ନାରୀ ନିର୍ଯ୍ୟାତନା ବୃଦ୍ଧି ପାଇଥିବାନେଇ ବାରମ୍ବାର ବିଜେପି ଉପରେ ଆକ୍ଷେପକରିବା କଂଗ୍ରେସ ମହିଳା ସୁରକ୍ଷାକୁ ନେଇ କୁମ୍ଭୀର କାନ୍ଦଣା କାନ୍ଦୁଥିବା ବେଳେ ନିଜଦଳର ରାଜ୍ୟ ଛାତ୍ର ସଭାପତି ଏପରି ଘୃଣ୍ୟକର୍ମ ପାଇଁ ଆଜି ରାଜ୍ୟକଂଗ୍ରେସ ସଭାପତି ଓ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ନିରବ କାହିଁକି ବୋଲି ଏହା କଂଗ୍ରେସର ଦୋମୁହାଁ ନୀତି ବୋଲି ଭାରତୀୟ ଜନତା ଯୁବମୋର୍ଚ୍ଚା ଅଭିଯୋଗ କରି ରାଜ୍ୟ କଂଗ୍ରେସ ସଭାପତି ଓ ରାହୁଲ ଗାନ୍ଧୀ ଏବଂ ଛାତ୍ରକଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରିବା ସହିତ ସେମାନଙ୍କ ଇସ୍ତଫା ଦାବି କରି ବିକ୍ଷୋଭ ପ୍ରଦର୍ଶନ କରଛି ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ଦେବାଶିଷ ଆଚାର୍ଯ୍ୟ,ନୀଳଗିରି ନଗରସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ,ବିଜେପି ଜିଲ୍ଲା ସମ୍ପାଦକ ସମରଶଙ୍କର କାନୁନଗୋ,ଶୁଭ୍ରାଂଶୁ ନନ୍ଦ, ଗୋପୀବଲ୍ଲଭ ରାଉତ, ଆନନ୍ଦ ମିଶ୍ର, ଚନ୍ଦ୍ରଶେଖର ମହାଳିକ,ପରେଶ ପରିଡା,ଜୟନ୍ତ ପାତ୍ର, ଅଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବିକ୍ଷୋଭରେ ସାମିଲ ହୋଇଥିଲେ।

# ଉଦିତ ପ୍ରଧାନଙ୍କ ସହଯୋଗୀ ଗିରଫ

ଭୁବନେଶ୍ୱର, ୨୨/୭ (ନି.ପ୍ର): ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ଗିରଫ ଘଟଣାରେ ତାଙ୍କର ଅନ୍ୟତମ ସହଯୋଗୀ ଆୟୁଷ୍ମାନ ସାହୁଙ୍କୁ ପୁଲିସ ବାନ୍ଧିଛି। ମଙ୍ଗଳବାର ଗିରଫ ପରେ ଆୟୁଷ୍ମାନଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି। ଗତକାଲି ଭିଡିଓ କରି ଉଦିତଙ୍କର ଦୋଷ ନଥିବା କହିଥିଲେ ଆୟୁଷ୍ମାନ। ସେପଟେ ମାମଲାର ନୂଆ ମୋଡ଼ ନେଇଛି। ଦୁଷ୍କର୍ମ ମାମଲାକୁ ଗଣଦୁଷ୍କର୍ମ ଭାବେ କନଭର୍ଟ କଲା ପୁଲିସ। ଆୟୁଷ୍ମାନ ବିରୋଧରେ ପୁଲିସ ପୀଡିତା ବୟାନ ଦେଇଥିବା ସୂଚନା ଦେଇଛି। ସୂଚନାଯୋଗ୍ୟ, ଦୁଷ୍କର୍ମ ଅଭିଯୋଗରେ ଗିରଫ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କୁ ସଭାପତି ପଦ ଓ ଦଳରୁ ନିଲମ୍ବନ କରିଛି କଂଗ୍ରେସ। ମୃଦୁ ପାନୀୟରେ ନିଶା ଦେଇ ହୋଟେଲ୍‌ରେ ଜଣେ ଛାତ୍ରୀଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ପୁଲିସ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କୁ ଗିରଫ କରିଥିଲା।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida